## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଡମ୍ପର, ୨ ଆହତ

**ରୂପ୍‌ସା, ୧୯।୧୧(ଡି.ଏନ୍.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଓଡ଼ଙ୍ଗୀ ପେଟ୍ରୋଲ ପମ୍ପଠାରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଲେଶ୍ୱରରୁ ରୂପ୍‌ସା ଅଭିମୁଖେ ଯାଉଥିବା ଏକ ଡମ୍ପର (ନଂ.ଓଡ଼ି୦୧କେ ୦୬୬୬) ସାମ୍ନା ପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀ ରେମୁଣା ଥାନା ବଡୁଆ ଗ୍ରାମର ଲକ୍ଷ୍ମୀଧର ମଲିକ ଓ ଶଚୀନ୍ଦ୍ର ମଲିକ ଗୁରୁତର ଆହତ ହୋଇଥିଲେ। ୨ଜଣଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ସେମାନଙ୍କୁ ଚିକିତ୍ସା ପାଇଁ କଟକ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି କରିଛନ୍ତି।

### ରାଜପଥରେ ହେଲମେଟ ଚେକିଂ

**ରୂପ୍‌ସା,୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦା ଫାଣ୍ଡି ପୋଲିସ ପକ୍ଷରୁ ସୋମବାର ବାଇକ୍ ଆରୋହୀଙ୍କ ହେଲମେଟ୍ ଚେକିଂ କରାଯାଇଛି। ଏଥିସହ ବାଇକ୍‌ର କାଗଜପତ୍ର, ଇନ୍‌ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଇଛି। ଆଇନ ଉଲ୍ଲଂଘନକାରୀ ଆରୋହୀଙ୍କଠାରୁ ୧୨ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ରୂପ୍‌ସା ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇ ୩ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ଏକ ମାଲବାହୀ ଅଟୋରେ ଲୋକଙ୍କୁ ନେଇ ଯାଉଥିବାବେଳେ ଡ୍ରାଇଭର ଜଣଙ୍କ ପୋଲିସ ହାବୁଡ଼ରେ ପଡ଼ିବାରୁ ତାଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ଥାନା ପକ୍ଷରୁ କୁହାଯାଇଛି।

### ମହମ୍ମଦ ଜୟନ୍ତୀ ନେଇ ଶାନ୍ତିକମିଟି ବୈଠକ



**ସୋର,୧୯।୧୧(ଡି.ଏନ୍.ଏ.):** ସୋର ଥାନା ପରିସରରେ ମହମ୍ମଦ ଜୟନ୍ତୀ ଅବସରରେ ଶାନ୍ତି କମିଟିର ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଡିପିଓ ପ୍ରଭାସଚନ୍ଦ୍ର ପାଲଙ୍କର ଅଧକ୍ଷତାରେ ଶାନ୍ତିକମିଟି ବୈଠକରେ ସୋର ତହସିଲଦାର ଦେବି ପ୍ରସାଦ ଦାଶ, ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମହମଦ୍ ଜୟନ୍ତୀ ଅବସରରେ ସକାଳେ ୧୨ଟାରେ ପଦଯାତ୍ରା ଆରମ୍ଭ କରାଯିବା ସହିତ ଏକ ବାଇକ୍ ଶୋଭାଯାତ୍ରା କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସ୍ଥାନୀୟ ରାଧାନାଥ ପଡ଼ିଆରେ ସଭା ଅନୁଷ୍ଠିତ ହେବ। ଏହି ବୈଠକରେ ବିଭିନ୍ନ ବସ୍ତିରୁ ମୁଖ୍ୟ ସହିତ ମ୍ୟୁନିସିପାଲଟିର ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏସ୍‌ଆଇ ସମ୍ଭାରୀ ହାଁସଦା, ପ୍ରଦୀପ ନାୟକ ଉପସ୍ଥିତ ଥିବା ବେଳେ ସୁଶୀଲ ଝୁନଝୁନୱାଲା, ନିରଞ୍ଜନ ଲେଙ୍କା, କାହ୍ନୁ ଚରଣ ବେହେରା, ରାଜେନ୍ଦ୍ର ମହାନ୍ତି, ସେକ୍ କମାଲଉଦ୍ଦିନ, ସେକ୍ ହାଲିମ, ସେକ୍ ଇବ୍ରାହିମ, ସେକ ମନୁଆର, ସେକ୍ ୟାକତ୍ ଅଲ୍ଲୀ, ସେକ୍ ମୁନା, ସେକ୍ ଚୁନ୍ନୁ, ସେକ୍ ଧାନଚୁନ୍ନୁ, ସେକ ମୁଜୁବଉଦ୍ଦିନ, ସେକ ସୁଲତାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜନପରାମର୍ଶ ପଦଯାତ୍ରା

**ରେମୁଣା, ୧୯।୧୧(ଡି.ଏନ.ଏ.):** ରେମୁଣା ନିର୍ବାଚନମଣ୍ଡଳୀ ଶାସଙ୍ଗ, ବରୁଣସିଂ ଓ କରଞ୍ଜିଆ ପଞ୍ଚାୟତରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଦଳୀୟ କର୍ମୀଙ୍କୁ ନେଇ ଜନପରାମର୍ଶ ପଦଯାତ୍ରା କରିଥିଲେ। ସେ ପ୍ରଥମେ ଶାସଙ୍ଗ ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ କରି କରଞ୍ଜିଆରେ ପହଞ୍ଚିଥିଲେ। ଏହାପରେ ବରୁଣସିଂ ପଞ୍ଚାୟତ ପାଟରା ଗ୍ରାମରୁ ପଦଯାତ୍ରା ବାହାରି ମାଳଗ୍ରାମରେ ଶେଷ ହୋଇଥିଲା। ଭୋଟରମାନଙ୍କୁ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ବୁଝାଇଥିଲେ। ଏହି ପଦଯାତ୍ରାରେ ବିଧାୟକଙ୍କ ସହିତ ବରୁଣସିଂ ସରପଞ୍ଚ ରଘୁନାଥ ନାୟକ, କୁଳିଗାଁ ସରପଞ୍ଚ ଜନାର୍ଦ୍ଦନ ଦାସ, ତୁଣ୍ଡୁରା ସରପଞ୍ଚ ଅଜୟ ବାରିକ, ଭାସ୍କର ବେହେରାଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ ଥିଲେ।

# 'ଭୂମିହୀନଙ୍କୁ ଘରଡ଼ିହ, ବାସହୀନଙ୍କୁ ଘର ଯୋଗାଅ'

## ■ ଆଗାମୀ ଓଡ଼ିଶା ଓ ଜଳେଶ୍ୱର ବିକାଶମଞ୍ଚର ଅହୋରାତ୍ର ସତ୍ୟାଗ୍ରହ

**ଜଳେଶ୍ୱର, ୧୯।୧୧(ଡି.ଏନ.ଏ.)**




ଧାରଣାରେ ବସିଥିବା ଆଗାମୀ ଓଡ଼ିଶା ଓ ଜଳେଶ୍ୱର ବିକାଶମଞ୍ଚର କର୍ମକର୍ତ୍ତା।

ଭୂମିହୀନଙ୍କୁ ଘରଡିହ ଏବଂ ବାସହୀନଙ୍କୁ ଘର ଯୋଗାଇଦେବା ଦାବିରେ ସୋମବାର ଆଗାମୀ ଓଡ଼ିଶା ଓ ଜଳେଶ୍ୱର ବିକାଶମଞ୍ଚ ତରଫରୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ସତ୍ୟାଗ୍ରହ ଆରମ୍ଭ ହୋଇଛି। ୨ଟି ସଙ୍ଗଠନର ଆବାହକ ତଥା ନବାଗତ କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ସତ୍ୟାଗ୍ରହରେ ଶତାଧିକ ଭୂମିହୀନ ମହିଳା ପୁରୁଷ ସାମିଲ ହୋଇ ନିଜର ଦାବି ହାସଲ କରିବା ପାଇଁ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଦୀର୍ଘଦିନ ଧରି ଏଭଳି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସଙ୍ଗଠନର ନେତୃବୃନ୍ଦ ଖୁବ୍ ବର୍ଷିଥିଲେ। ଦୁଇ ସଙ୍ଗଠନର କର୍ମକର୍ତ୍ତାମାନେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ଯୋଗୁ ତହସିଲଦାର ଓ ଅନ୍ୟ କର୍ମଚାରୀମାନେ ବାହାରକୁ ବାହାରି ପାରି ନ ଥିଲେ।

କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ ସୁନୀଲ କୁମାର ପରିଡ଼ା, ସୁକୁମାର ଘୋଷ, ଅରୁଣ ଜେନା, ପଦ୍ମଲୋଚନ ବେହେରା, ଗିରିଜାଶଙ୍କର ଦାସ, ସବ୍ୟସାଚୀ ଦାସ, ବିରଞ୍ଚି ଭୂୟାଁ, ଜଗଦୀଶ ନନ୍ଦୀ, ରିୟାଁଜ ଖାନ୍, ସେକ୍ ଆକବର ଅଲ୍ଲୀ, ଗୋପାଳକୃଷ୍ଣ ଜେନା ପ୍ରମୁଖ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏ ସମ୍ପର୍କରେ ତହସିଲଦାର ଅଭିମନ୍ୟୁ ପଣ୍ଡା କହିଛନ୍ତି ଯେ, ୬ ମାସ ମଧ୍ୟରେ ୨୮୪ ଜଣଙ୍କୁ ପ୍ରାଥମିକ ଭାବେ ଯୋଗ୍ୟ ବିବେଚନା କରାଯାଇଛି। ତନ୍ମଧ୍ୟରୁ ୨୦ ଜଣଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ଆସନ୍ତାବର୍ଷ ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଅନ୍ୟ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ବିଜେଡିର ଜିଲା ସମ୍ପାଦକ ତଥା ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଏହାର ତୀବ୍ର ସମାଲୋଚନା କରି ନିଜର ରାଜନୈତିକ ଇଚ୍ଛା ପାଇଁ ନିରୀହ ଗରିବ ଲୋକଙ୍କୁ ନେଇ ବାରମ୍ବାର ଏଭଳି ଆନ୍ଦୋଳନ, ପିକେଟିଂ, ଧର୍ମଘଟ, ଗଣଧାରଣା କରାଯାଉଛି। ସରକାରୀ କାର୍ଯ୍ୟାଳୟ ସମ୍ମୁଖ ତଥା ପରିସରରେ ବିନା ଅନୁମତିରେ ସତ୍ୟାଗ୍ରହ କରିବା ଯୋଗୁ ସୋମବାର ଅଭିଯୋଗ ଶୁଣାଣିକୁ ଆସିଥିବା ଶତାଧିକ ଜନସାଧାରଣ ତହସିଲଦାରଙ୍କ ସହିତ ସାକ୍ଷାତ୍ କରି ନ ପାରି ନିରାଶ ହୋଇ ଫେରିଥିଲେ।



ଅଣଶିକ୍ଷକ କର୍ମଚାରୀ ଧାରଣାରେ ବସିଛନ୍ତି।

# ଅଣଶିକ୍ଷକ କର୍ମଚାରୀଙ୍କ ସମୂହ ଧାରଣା

**ବାଲିଆପାଳ, ୧୯।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀ ୪ଦଫା ଦାବି ନେଇ ଗତ ୧୬ ତାରିଖରୁ ସମୂହ ଧାରଣାରେ ବସିଛନ୍ତି। ମହାବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଦାବିଗୁଡ଼ିକ ଉପସ୍ଥାପନ କରିଥିଲେ ମଧ୍ୟ ତା'ର ସୁଫଳ ମିଳୁ ନାହିଁ। ଦାବିଗୁଡିକ ମଧ୍ୟରେ ଅଣଶିକ୍ଷକ କର୍ମଚାରୀମାନଙ୍କ ଦରମା ବୃଦ୍ଧି, ଅବସରପ୍ରାପ୍ତର ସମୟ ସୀମା ନିର୍ଦ୍ଧାରଣ, ମହାବିଦ୍ୟାଳୟ ପରିସର ମଧ୍ୟ ରହିବା ଘର ସହିତ କ୍ଲର୍କମାନଙ୍କର ୫ଲକ୍ଷ ଓ ପିଅନମାନଙ୍କର ୩ଲକ୍ଷ ଗ୍ରାଚ୍ୟୁଇଟି ପ୍ରଦାନ, ପ୍ରତ୍ୟେକ ମାସର ୫ ତାରିଖ ସୁଦ୍ଧା ଦରମା ପ୍ରଦାନ ଦାବି କରିଥିଲେ। ଜୟନ୍ତ କୁମାର ମହାନ୍ତି, ସଞ୍ଜୟ ପ୍ରଧାନ, ମଧୁସୂଦନ ପାଣିଗ୍ରାହୀ, ବୈକୁଣ୍ଠନାଥ ପାଳ, ପ୍ରଦୀପ କୁମାର ଗିରି, ରଘୁନାଥ ସିଂ, ସୁଦର୍ଶନ ମଣ୍ଡଳ, ଜୟନ୍ତ କୁମାର ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ ପାଣିଗ୍ରାହୀ, ସୁଚ୍ଛନ୍ଦା ମହାପାତ୍ରଙ୍କ ସମେତ ଅନ୍ୟ ସମସ୍ତ ଅଣଶିକ୍ଷକ କର୍ମଚାରୀ ଧାରଣାରେ ବସିଛନ୍ତି।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# 'ରେମୁଣା ନିର୍ବାଚନ ମଣ୍ଡଳୀର ବିକାଶ ଓ ଆମ ନେତୃତ୍ୱ' ଆଲୋଚନା

**ରେମୁଣା, ୧୯।୧୧(ଡି.ଏନ.ଏ.)**

୨୦୦୯ରେ ରେମୁଣା ଏକ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀରେ ପରିଣତ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରେ ଅନେକ କଳକାରଖାନା, ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସରକାରୀ ମେଡିକାଲ କଲେଜ, ନିର୍ମାଣ ହେବାକୁ ଥିବା ଏମ୍‌ସ ସାଟେଲାଇଟ ସେଣ୍ଟର ଭଳି କେନ୍ଦ୍ର ଗଢ଼ି ଉଠିଥିବାବେଳେ ପ୍ରକୃତପକ୍ଷେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ନାହିଁ। ଶିକ୍ଷାକ୍ଷେତ୍ର ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରେମୁଣା ଆଜି ମଧ୍ୟ ଅବହେଳିତ ହୋଇରହିଛି। ଚାଷ ଜମିକୁ ଜଳଯୋଗାଣ ହୋଇପାରୁନାହିଁ। ବର୍ଷା ପାଣି ସମୁଦ୍ରକୁ ବହିଯାଉଛି। ଭୂତଳ ଓ ନଦୀ ଜଳ ଦୂଷିତ ହୋଇଚାଲିଛି। ୬୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିଲେ ମଧ୍ୟ ପନିପରିବା ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ଗଢ଼ା ଯାଇପାରିନାହିଁ କି ବିକ୍ରିବଟା ପାଇଁ କୃଷକ ବଜାର ନାହିଁ। ବଜାର ରାସ୍ତାର ସମ୍ପ୍ରସାରଣ ହୋଇପାରୁନାହିଁ। ରେମୁଣାକୁ ତୁରନ୍ତ ଏନଏସି ଘୋଷଣା କରାଯିବାକୁ ଦାବି ହୋଇଥିଲା। କ୍ଷୀରଚୋରା, କନକଦୁର୍ଗା, ଭୀମେଶ୍ୱର, ଇଞ୍ଚୁଡିର ଲବଣ ସତ୍ୟାଗ୍ରହ ପୀଠ, ଶ୍ରୀଜଙ୍ଗର ଶହୀଦ ସ୍ମୃତି ସ୍ତମ୍ଭ ଭଳି ପ୍ରସିଦ୍ଧ କ୍ଷେତ୍ରର ଉନ୍ନତି ହୋଇପାରିନାହିଁ। ନେତୃତ୍ୱ ନେଉଥିବା ବ୍ୟକ୍ତି ଲୋକଙ୍କ ସମସ୍ୟା ସହିତ ଜଡିତ ହୋଇପାରୁ ନ ଥିବାରୁ ବିକାଶ ସମ୍ଭବ ହେଉନାହିଁ। ତେଣୁ ସମସ୍ୟାର ସମାଧାନ ହେଉଛି ବିକାଶ ଏବଂ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଏବଂ ସଂଗ୍ରାମ ଆବଶ୍ୟକ ବୋଲି 'ରେମୁଣା ନିର୍ବାଚନ ମଣ୍ଡଳୀର ବିକାଶ ଓ ଆମ ନେତୃତ୍ୱ' ଶୀର୍ଷକ ଆଲୋଚନାରେ ମତ ପ୍ରକାଶ ପାଇଛି। ରେମୁଣା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ମନ୍ଦିରଛକ ହନୁମାନ କଲ୍ୟାଣମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସାହିତ୍ୟିକ, ରାଜନୈତିକ ନେତୃବୃନ୍ଦ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ, ଅଧ୍ୟାପକ, ଚାଷୀ, ଛାତ୍ର, ଯୁବକ ଅଂଶଗ୍ରହଣ କରି ବିଷୟ ଉପରେ ମତ ରଖିଥିଲେ। ସଂଘ ସଭାପତି ଲକ୍ଷ୍ମୀଧର ଗାଁଣଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାକୁ ଖବରଦାତା ରବି ରାଉତ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଦୀନବନ୍ଧୁ ଦାସ, ଡ. ନରୋତ୍ତମ ପରିଡା, ଡ. ଭାଗବତ ପ୍ରସାଦ ଦାସ, ଅଧ୍ୟାପକ ପ୍ରଶାନ୍ତ ବରାଳ ସମସ୍ତ ବକ୍ତବ୍ୟର ସମୀକ୍ଷା କରିଥିଲେ। ସଂଘର ଆବାହକ ରବୀନ୍ଦ୍ର ମହାକୁଡ ମଞ୍ଚ ଆହ୍ୱାନ ଏବଂ ସମ୍ପାଦକ ସୁରେଶ ଦାସ ଧନ୍ୟବାଦ ଦେଇଥିଲେ।

# ଔପଦାରେ ପାଇଖାନା ଦିବସ

**ଔପଦା, ୧୯।୧୧(ଡି.ଏନ.ଏ.)**

ଔପଦା ବ୍ଲକ ସଦର ମହକୁମାରେ ଜିଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ବିଶ୍ୱ ପାଇଖାନା ଦିବସ ଅଭିଯାନ ୨୦୧୮ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅଭିଯାନକୁ ବିଡ଼ିଓ ପୀତାମ୍ବର ଭୋଇ ଉଦ୍‌ଘାଟନ କରିଥିବାବେଳେ ଜିଲା ଜଳ ପରିମଳ ସଂଯୋଜକ ବିଦ୍ୟାଧର ନାୟକ ଅଭିଯାନକୁ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକଙ୍କ ସମେତ ଔପଦା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ସମାଜସେବୀ ଅଜୟ ପ୍ରଧାନ, ପର୍ଶୁରାମ ଲେଙ୍କା, ହରିହର ମହଲା, ଜଳ ପରିମଳର ବ୍ଲକ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ପାତ୍ର, ସମିତିସଭ୍ୟ ଅଶୋକ ପ୍ରଧାନ, ଜିପିଇଓ ଦାମୋଦର ମାଝି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ଲେଙ୍କା ପ୍ରମୁଖ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ମିଶନ ପାଇଁ ହାତରେ ଝାଡୁ ଧରି ଡାକ୍ତରଖାନା ସମେତ ଔପଦା ବଜାରକୁ ସଫେଇ କରିଥିଲେ। ସଦର ତଳକିଆ ପଞ୍ଚାୟତ ନିର୍ମଳ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିବାବେଳେ ବଜାରରେ ଥିବା ଡ୍ରେନର ଦୁରବସ୍ଥା ବିଡ଼ିଓ ଭୋଇ ଏବଂ ଜିଲା ସଂଯୋଜକ ନାୟକ ଅନୁଧ୍ୟାନ କରିବା ପରେ ଏହାର ଆଶୁ ସମାଧାନ ପାଇଁ ପଦକ୍ଷେପ ନେବାକୁ ଲୋକମାନଙ୍କୁ କହିଥିଲେ।

### ଗ୍ୟାସ୍ ସିଲିଣ୍ଡର ଚୋରି ଉଦ୍ୟମ, ଅଭିଯୁକ୍ତ ଗିରଫ

**ରୂପ୍‌ସା, ୧୯।୧୧(ଡି.ଏନ.ଏ.:** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ବଡ଼ସିନ୍ଧିଆ ଗ୍ରାମର ସର୍ବେଶ୍ୱର ଦାସଙ୍କ ଘରେ ପଶି ରବିବାର ରାତିରେ ରୋଷେଇ ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ କାଳିଚରଣ ଦାସଙ୍କୁ ଗିରଫ କରିଛି। ସେ ଚୋରି କରୁଥିବା ବେଳେ ପରିବାର ଲୋକେ ଉଠି ଚିତ୍କାର କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦିଆଯାଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଗ୍ରାମକୁ ସବୁଜିମା କରିବା ଲକ୍ଷ୍ୟରେ ଚକ୍ରଧରପୁରବାସୀ

**ଖଇରା,୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଚକ୍ରଧରପୁର ଗ୍ରାମର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲକ୍ଷ୍ୟରେ ସ୍ଥାନୀୟ ବାସିନ୍ଦା ପ୍ରୟାସ ଆରମ୍ଭ କରିଛନ୍ତି। ସେମାନେ ମିଳିତ ଭାବେ ବର୍ଷକ ମଧ୍ୟରେ ଗ୍ରାମର ଚତୁଃପାର୍ଶ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ ଫୁଲ, ଫଳ ଗଛ ଲଗାଇ ସାରିଲେଣି। ଏବେ ନିକଟରେ ଗାନ୍ଧୀ ଜୟନ୍ତୀରୁ ପୁଣି ୧୦୧ଟି ବିଭିନ୍ନ ଆମ୍ବ, ଜାମୁକୁଳି, ପେସ୍ତାବାଦାମ, ବଉଳ, କଦମ୍ବ, ଲିମ୍ବ ଆଦି ଗଛ ଲଗାଇବା ଆରମ୍ଭ କରି ନଭେମ୍ବର ୯ତାରିଖରେ ଶେଷ କରିଛନ୍ତି। ସୋର ରେଞ୍ଜର ପ୍ରଦୀପ କୁମାର ଜେନା ଗାନ୍ଧୀ ଏହାର ଶୁଭାରମ୍ଭ କରିଥିଲେ। ଗ୍ରାମ ମୁଖିଆ ବାସୁଦେବ ମାଝି, ଯୁବନେତା ଲକ୍ଷ୍ମୀକାନ୍ତ ଶଙ୍ଖୁଆଙ୍କ ନେତୃତ୍ୱରେ ଜୟନ୍ତ କୁମାର ରାଉତ, ଗଙ୍ଗାଧର ନାୟକ, ମାଧବ ବେହେରା, ଜ୍ୟୋତିକାନ୍ତ ମାଝି, ସୁଦାମ ରାଉଳ, ମିନତି ବେହେରା ପ୍ରମୁଖ ନିଜକୁ ସାମିଲ କରିଛନ୍ତି। ସମସ୍ତ ପୋଖରୀ ହୁଡା ଓ ହରିହର ଜୀଉ ମନ୍ଦିର ସମ୍ମୁଖରେ ଏହି ବୃକ୍ଷରୋପଣ କରାଯାଇଛି। ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।




ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରାଯାଉଛି।




ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶନ କରାଯାଉଛି।

# ଜିଲାସ୍ତରକୁ ୮ ପ୍ରକଳ୍ପ ମନୋନୀତ

**ବାହାନଗା, ୧୯।୧୧(ଡି.ଏନ.ଏ.)**

ବାହାନଗା ବ୍ଲକସ୍ତରୀୟ ବିଜ୍ଞାନମେଳା ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୮ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଘାଟନୀ ସଭାରେ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ୧୯ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଜୁନିୟର, ସବଜୁନିୟର, ସିନିୟର ବିଭାଗରେ ୧୧୩ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ଜୁନିୟର ବିଭାଗର ୨ଜଣ, ସବ୍‌ଜୁନିୟରରେ ୨ଜଣ, ସିନିୟରରେ ୪ ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଜୁନିୟରରେ ବଡଗାଁ ୟୁଜିୟୁପି ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ପ୍ରଧାନ, ସରସ୍ୱତୀୟା ୟୁଜିୟୁପିର ଛାତ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଦାସ ମନୋନୀତ ହୋଇଥିବା ବେଳେ ସବଜୁନିୟରରେ ଏମ.ବି. ନୋଡାଲର ଛାତ୍ର ଶଶାଙ୍କ ଶେଖର ଦାସ, ବାହାନଗା ନୋଡାଲର ଛାତ୍ରୀ ଶୁଭଶ୍ରୀ ରାଉତ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ସିନିୟର ବିଭାଗରେ ଖରାସାହପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ହିମାଂଶୁ ଶେଖର ପାତ୍ର, ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଭୂତିଭୂଷଣ ତ୍ରିପାଠୀ, ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଆରିୟାମାନ ପାତ୍ର, ବେଲାବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପ୍ସା ପ୍ରିୟଦର୍ଶିନୀ ପଲାଇ ପ୍ରମୁଖ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପରେ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଇଓ ରୋହିଆ ଟୁଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଲିକ, ମୁଖ୍ୟବକ୍ତା ଭାବେ ପ୍ରଧାପକ ଜର୍ନାଦ୍ଦନ ବେହେରାଙ୍କ ସମେତ ମହେଶ୍ୱର ପଣ୍ଡା, ରଞ୍ଜନ କୁମାର ଦାସ, ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ମନୋନୀତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାସ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଧାନ କାଟିବାକୁ ଯାଇଥିବା ନାବାଳିକାଙ୍କ ମୃତ୍ୟୁ

**ଖଇରା, ୧୯।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ଗ୍ରାମର ଧରିତ୍ରୀ ଦାସ ନାମ୍ନୀ ଜଣେ ନାବାଳିକା ସୋମବାର ସକାଳେ ପରିବାର ଲୋକଙ୍କ ସହ ଧାନ କାଟିବାକୁ ବିଲକୁ ଯାଇଥିଲେ। ୧୨ଟା ସମୟରେ ଧାନକାଟି ସାରି ହିଡ ଉପରକୁ ଆସୁଥିବା ବେଳେ ହଠାତ ଅଚେତ ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ଖଇରା ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାପକାମୁଡା କିମ୍ବା ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଭାଜପାରେ ମିଶିଲେ ଅନ୍ୟ ଦଳର ନେତା, କର୍ମୀ

**ଜଳେଶ୍ୱର, ୧୯।୧୧(ଡି.ଏନ.ଏ.)**

ଜଳେଶ୍ୱର ନିର୍ବାଚନମଣ୍ଡଳୀ ତଥା ବ୍ଲକ ଅଧୀନ ନଛିମପୁର ପଞ୍ଚାୟତରେ ଭାଜପା ତରଫରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱରର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଉତ୍କଳ ଭାରତର ନେତା ନିତ୍ୟାନନ୍ଦ ଦାସଙ୍କ ସମେତ ଅରୁଣ ଜେନା, ଲକ୍ଷ୍ମୀଧର ପ୍ରଧାନ, ଉତ୍ତମ କର, ହରିନାରାୟଣ ସେନାପତି, ସ୍ୱରୂପ ନନ୍ଦୀ, ଦିଲୀପ ଦତ୍ତ, ଜଗନ୍ନାଥ ସିଂ, ବିଜୟ ଦେ, ଚିନ୍ତାମଣି ଗିରି, ଅନାଦି ଗିରି, ଚୈତନ୍ୟ ସିଂ, ଚିତ୍ତରଞ୍ଜନ ପ୍ରଧାନ, ନରୋତ୍ତମ ପ୍ରଧାନ, ମଣ୍ଟୁ ସେଣ, ସଚ୍ଚିଦାନନ୍ଦ ଜେନା, ପରେଶଚନ୍ଦ୍ର ପାତ୍ର ପ୍ରମୁଖ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଏହି ସମୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶାନ୍ତନୁ ପଟ୍ଟନାୟକ, ସତ୍ୟନାରାୟଣ କର, ପ୍ରାଣକୃଷ୍ଣ ଦେ ଓ ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ

**ବାଲେଶ୍ୱର ଅଫିସ,୧୯।୧୧**



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଔପଦା ବ୍ଲକ ଈଶ୍ୱରପୁରଠାରେ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୨ଘଟିକା ସମୟରେ ଗୋପୂଜନ କାର୍ଯ୍ୟ ସମାପନ ପରେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ନିତ୍ୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗଦେଇ ଗୋସମ୍ପଦର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ପରିବେଶ ସନ୍ତୁଳନରେ ବାଧା ସୃଷ୍ଟି କରୁଥିବାରୁ ସମାଜରେ ପ୍ରଭୂତ କ୍ଷତି ସାଧନ ହେଉଛି ଏବଂ ଶସ୍ୟ ଉତ୍ପାଦନରେ ଜୈବିକ ସାର ପ୍ରୟୋଗର ଘୋର ଅଭାବ ପରିଲକ୍ଷିତ ହେଉଛି ବୋଲି କହିଥିଲେ।

ମୁଖ୍ୟବକ୍ତା ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ସଞ୍ଜୟ କୁମାର ପଣ୍ଡା, ନାବାର୍ଡର ସହକାରୀ ପରିଚାଳକ ବିମଳ ଚନ୍ଦ୍ର ଧଳ, ଔପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୀତାମ୍ବର ଭୋଇ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗୋପାଳନର ଆବଶ୍ୟକତା ତଥା ସରକାରୀ ସହାୟତା ସମ୍ବନ୍ଧରେ ଉପସ୍ଥିତ ଗୋ ଚାଷୀ ଓ ଜନସାଧାରଣଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଆତ୍ମାର ପ୍ରତିନିଧି ଆଗ୍ରୋନୋମିଷ୍ଟ ଅଜିତ ଗିରି, ନୀଳଗିରି କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ ଓ ସ୍ଥାନୀୟ ସରପଞ୍ଚ ଅଭୟ ହେମ୍ବ୍ରମ୍ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀ ଏବଂ ଆୟୋଜିତ ଗୋବତ୍ସା ପ୍ରଦର୍ଶନୀରେ ଆଖପାଖ ଅଞ୍ଚଳର ଅଂଶଗ୍ରହଣ କରିଥିବା ଗୋଧନ ମଧ୍ୟରୁ ଚୟନ କମିଟି ଦ୍ୱାରା ଶ୍ରେଷ୍ଠ ବିବେଚିତ ବାଛୁରି, ଛଡ଼ା ଓ ଗାଈ ପାଳନ କରିଥିବା ଗୋଚାଷୀ ତଥା ଜିଲାର ସର୍ବୋତ୍କୃଷ୍ଟ ଗୋପାଳକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲା ପ୍ରାଣୀସମ୍ପଦ ବିକାଶ ବିଭାଗ ଜୀବ ମଙ୍ଗଳ ଅଧିକାରୀ ବିଜୟ ଷଡ଼ଙ୍ଗୀ ପରିଚାଳନା କରିଥିବାବେଳେ ଡା. ଅଜିତ ସାମଲ, ଡା. ରମାକାନ୍ତ ପଣ୍ଡା, ଡା. ତ୍ରିଲୋଚନ ସାହୁ, ଡା. ଜୀବନ କୃଷ୍ଣ ସାହୁ, ଡା. ପ୍ରଫୁଲ୍ଲ ଶିଅଳ, ଡା. ରୀତାଞ୍ଜଳି ନାୟକ ଓ ଅନନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦର୍ଶନୀରେ ଆଖପାଖ ଅଞ୍ଚଳରୁ ୧୫୦ ଗୋରୁ ଏକାଠି ହୋଇଥିଲେ। ଶେଷରେ ନୀଳଗିରି ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅନିଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳିକା ମୃତ

**ବାସୁଦେବପୁର, ୧୯।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ମଲିକାଦେଇପୁର ଗ୍ରାମର ସୁଶାନ୍ତ ମହାରଣାଙ୍କ ଝିଅ ସନ୍ଧ୍ୟାରାଣୀ ମହାପାତ୍ର(୬) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସୋମବାର ପୂର୍ବାହ୍ନରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ମାଛଚୋରଙ୍କୁ ଧରି ପୋଲିସ ଜିମା ଦେଲେ

**ଚାନ୍ଦବାଲି, ୧୯।୧୧ (ଡି.ଏନ.ଏ.):** ରବିବାର ବିଳମ୍ବିତ ରାତିରେ ଚିଙ୍ଗୁଡ଼ି ଘେରିରେ ପଶି ମାଛ ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ଧାମରା ଥାନା ପୋଲିସ ଏ ନେଇ ତଦନ୍ତ କରୁଛି। ସୂଚନା ଅନୁସାରେ, ଦୋସିଙ୍ଗା ପଞ୍ଚାୟତ ବିଦ୍ୟୁତ୍‌ପ୍ରଭା ଗାଁରେ ରବିବାର ବିଳମ୍ବିତ ରାତିରେ ଏକ ଚିଙ୍ଗୁଡ଼ି ଘେରିରେ କେତେଜଣ ଚୋର ପଶି ଜାଲ ଟାଣି ମାଛ ଧରୁଥିଲେ। ସେଠାରେ କାମ କରୁଥିବା କର୍ମଚାରୀ ଜଣଙ୍କ ନିଦରୁ ଉଠିପଡ଼ି ଚୋରଙ୍କୁ ଦେଖି ପାଟି କରିଥିଲେ। ପାଟି ଶୁଣି ଚୋରମାନେ ଖସି ପଳାଇ ଯାଉଥିବା ବେଳେ ଜଣେ ଯୁବକଙ୍କୁ ଲୋକେ କାବୁ କରିନେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧରି ବାନ୍ଧି ରଖିବା ସହ ନିସ୍ତୁକ ମାଡ଼ ମରିଥିଲେ। ପରେ ତାଙ୍କୁ ଧାମରା ଥାନା ପୋଲିସ ଜିମା ଦେଇଛନ୍ତି।

### କ୍ୟାନ୍‌ସରରେ ମୃତାଙ୍କ ପରିବାରକୁ ବସ୍ତ୍ର ପ୍ରଦାନ

**ପଦ୍ମପୁର, ୧୯।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ କ୍ୟାନସରରେ ମୃତ୍ୟୁବରଣ କରିଥିବା କୁନ୍ତଳା ଜେନାଙ୍କ ପରିବାରକୁ ବିଜୁ ଯୁବବାହିନୀ ତରଫରୁ ବସ୍ତ୍ର ପ୍ରଦାନ କରାଯାଇଛି। କୁନ୍ତଳା କ୍ୟାନସରରେ ରୋଗାକ୍ରାନ୍ତ ହୋଇ ଗତ ୮ ତାରିଖରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାବେଳେ ତାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ସୋମବାର ରାଜଘରପୋଖରୀ ଯୁବ ବାହିନୀ ତରଫରୁ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଶରତ କୁମାର ପାତ୍ର ଓ ଅନ୍ୟ ସଦସ୍ୟମାନେ ତାଙ୍କ ପରିବାରକୁ ବସ୍ତ୍ର ପ୍ରଦାନ କରିଛନ୍ତି।

### ଦୋସ୍ତି କାର୍ଯ୍ୟକ୍ରମ

**ଭଣ୍ଡାରିପୋଖରୀ, ୧୯।୧୧(ଡି.ଏନ.ଏ.):** ନଭେମ୍ବର ୧୪ ରୁ ୨୧ ତାରିଖ ଚାଇଲ୍ଡ ଲାଇନର ଦୋସ୍ତି ସପ୍ତାହ ପାଳନ କରାଯାଉଛି। ସୋମବାର ଭଦ୍ରକ ଚାଇଲ୍ଡ ଲାଇନ ପକ୍ଷରୁ 'ସେ ଦୋସ୍ତି' କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟ, ଥାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟରେ ଚାଇଲ୍ଡ ଲାଇନ କର୍ମକର୍ତ୍ତା ରିତେଶ ଆଏଚ, ସଞ୍ଜୁକ୍ତା ମଲିକ, ନିରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇ ବିଭାଗୀୟ ଅଧିକାରୀଙ୍କ ହାତରେ ଚାଇଲ୍ଡଲାଇନ ସେ ଦୋସ୍ତି ଷ୍ଟିକର ବାନ୍ଧି ସମସ୍ତଙ୍କୁ ସଚେତନ କରାଇଥିଲେ। ଯେଉଁ ଶିଶୁମାନେ ସୁରକ୍ଷାରୁ ବଞ୍ଚିତ, ଶିଶୁ ଶ୍ରମିକ, ଭିନ୍ନକ୍ଷମ ଶିଶୁ, ନିଶାଗ୍ରସ୍ତ ଶିଶୁ, ଏଡସ୍ ଆକ୍ରାନ୍ତ ଶିଶୁ, ସଙ୍କଟରେ ପଡିଥିବା ଶିଶୁ, କୌଣସି ପରିସ୍ଥିତିରେ ରହୁଥିବା ଅସହାୟ ଶିଶୁ, ବେଆଇନ କାର୍ଯ୍ୟରତ ଥିବା ଅନୁଷ୍ଠାନର ଶିଶୁ, ଦୁଷ୍କର୍ମ, ପରିତ୍ୟକ୍ତ, ଅନ୍ୟାୟ ଓ ଅତ୍ୟାଚାରିତ ହେଉଥିବା ଶିଶୁଙ୍କୁ ଦେଖିଲେ ୧୦୯୮ ମାଗଣା ଟେଲିଫୋନରେ ଯୋଗାଯୋଗ କଲେ ତାଙ୍କୁ ଥଇଥାନ କରାଯାଇପାରିବ। ବିଶେଷ କରି ସମାଜରେ ଅବହେଳିତ, ଅସୁରକ୍ଷିତ, ନିର୍ଯାତିତ ଓ ଅସହାୟ ଶିଶୁମାନଙ୍କୁ ସୁରକ୍ଷା ଓ ଥଇଥାନ ନିମନ୍ତେ ଚାଇଲ୍ଡଲାଇନର ସହାୟତା ନେବା ପାଇଁ ସଚେତନ କରାଇଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

**ତିହିଡ଼ି, ୧୯।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୌଲତପୁର ଗ୍ରାମର ବିକ୍ରମ ସାହୁଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସପନିବିନ୍ଧା ଗ୍ରାମର ଦୀନବନ୍ଧୁ ପଣ୍ଡା ଓ ଜାମଯୋଡ଼ି ଗ୍ରାମର ଅନୀଲ ମହାରଣା। ବିକ୍ରମଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଥିଲା। ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୩୭୭/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବିକ୍ରମଙ୍କ ଘର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା।

# ୨୦ ପଞ୍ଚାୟତରେ ମରୁଡ଼ି ସ୍ଥିତି

**ଧାମନଗର, ୧୯।୧୧ (ଡି.ଏନ.ଏ.)**

- ଚାଷଜମି ଫାଟି ଆଁ କରିଛି
- କାମରେ ଆସୁନି ଉଠା ଜଳସେଚନ ପଏଣ୍ଟ
- ଚିନ୍ତାରେ ଚାଷୀ, ଆନ୍ଦୋଳନ ପାଇଁ ସଜବାଜ

ଭଦ୍ରକ ଜିଲା ଧାମନଗର ବ୍ଲକରେ ଅଣ ଜଳସେଚିତ ପ୍ରାୟ ୨୦ ପଞ୍ଚାୟତରେ ଧାନଚାଷରେ ମରୁଡ଼ି ସ୍ଥିତି ଦେଖାଦେଇଛି। ଚଳିତବର୍ଷ ବର୍ଷାଦିନ ଆରମ୍ଭରେ ବାରମ୍ବାର ଛୋଟବଡ଼ ବନ୍ୟା ଚାଷଜମିକୁ ବୁଡ଼ାଇ ଧାନ ଚାଷକୁ ନଷ୍ଟ କରିଦେଇଥିଲା। ଯାହା କିଛି ବାକିଥିଲା ଧାନ ଥୋଡ଼ ବାହାରିବା ସମୟରେ ଜମି ଫାଟି ଆଁ କରିଛି। ଏହାସହିତ ପୋକ ଲାଗି ଧାନ ଚାଷ ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ହତାଶ ହୋଇପଡ଼ିଛନ୍ତି। ସରକାର କୃଷିକ୍ଷେତ୍ରକୁ ଅଗ୍ରାଧିକାର ଦେଉଥିବା କେବଳ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଏଥିପ୍ରତି ବିଭାଗର ଆନ୍ତରିକତା ନ ଥିବା ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି।

ଏହି ବ୍ଲକରେ ହାତଗଣତି କେତୋଟି ପଞ୍ଚାୟତର ଚାଷଜମିକୁ କେନାଲ ବ୍ୟବସ୍ଥା ଥିବାବେଳେ ଅଧିକାଂଶ ପଞ୍ଚାୟତର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାନ୍ତି। ପୂର୍ବରୁ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ସମୟରେ କୃଷି ବିପ୍ଳବ ହୋଇ ଉକ୍ତ ଧୋଇୟା ଅଞ୍ଚଳରେ ଚାଷର ସୁରକ୍ଷା ଲାଗି ଏକକାଳୀନ ପ୍ରାୟ ୨ ଶହ ଉଠାଜଳସେଚନ ପଏଣ୍ଟ ବସାଯାଇଥିଲା। ଉକ୍ତ ଜଳସେଚନ ପଏଣ୍ଟ ପ୍ରାୟତଃ ନଷ୍ଟ ହୋଇଯାଇଥିବା ବେଳେ କେତୋଟି ଅକାମୀ ହୋଇପଡ଼ିଛି। ଯେଉଁ କେତୋଟି ଉଠାଜଳସେଚନ ପଏଣ୍ଟ କାର୍ଯ୍ୟ କରୁଥିଲା, କେଉଁଠି ବିଦ୍ୟୁତ୍ ସଂଯୋଗ ହେଉ ନାହିଁ ତ ଆଉ କେଉଁଠି ମରାମତି ଅଭାବ, ଆଉ କେଉଁଠି ଅଧାପନ୍ତରିଆ ଭାବେ କାମ ଅଟକି ରହିଛି। ଚଳିତବର୍ଷ ଅଣଜଳସେଚିତ ଏବଂ କେନାଲ ନ ଥିବା ଧୂଷୁରୀ, କୋଠାର, ନଦୀଗାଁ, ଅର୍ଜୁନପୁର, ହସନାବାଦ, ଦଳାଙ୍ଗ, ପଧାନୀ, କରଦା, ବୟାଙ୍ଗଡିହି, ଖଡ଼ିପଦା, ଆନନ୍ଦପୁର, ସାହାସପୁର, ରଇପୁର, ପାଳସାହି, ବମକୁରା, କାଶୀମପୁ, ସୋହଡା, ଭଙ୍ଗସାହି, ଦୋବଲ, ଫତେପୁର ଆଦି ପଞ୍ଚାୟତରେ ଶହଶହ ଏକର ଚାଷଜମି ଫାଟି ଆଁ କରିଥିବା ବେଳେ ଧାନଗଛରେ ଥୋଡ଼ ବାହାରିପାରୁ ନାହିଁ। କେତେକ ପଞ୍ଚାୟତରେ ଚାଷଜମିରେ ଗୋରୁ ଚରିବା ଆରମ୍ଭ କଲେଣି। ହେଲେ ଏଥିପ୍ରତି ଜଳସେଚନ ଏବଂ କୃଷି ବିଭାଗର ଦୃଷ୍ଟି ନାହିଁ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉ ନ ଥିବାରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି। ଧାମନଗର ବ୍ଲକକୁ ମରୁଡ଼ି ସ୍ଥିତିରେ ସୁଧାର ଆଣିବା ସକାଶେ ତୁରନ୍ତ ପଦକ୍ଷେପ ନିଆଯିବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷକ ସଭାର ବ୍ଲକ ସମ୍ପାଦକ ବିଦ୍ୟାଧର ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସରକାରଙ୍କ ଘୋଷଣା କେବଳ କାଗଜପତ୍ରରେ ସୀମିତ ରହୁଛି। ବିଭିନ୍ନ ନଦୀନାଳରେ ବନ୍ୟାଜଳକୁ ଅଟକାଇ ରଖିବାକୁ ଚେକ୍‌ଡ୍ୟାମ ତିଆରି ହୋଇପାରୁ ନାହିଁ। କେତେକ ସ୍ଥାନରେ ଯୋଜନା ଅନୁସାରେ ହୋଇ ନ ଥିବାରୁ ଏହାର ସୁଫଳ ଚାଷୀ ପାଇପାରୁ ନାହାନ୍ତି ବୋଲି ସେ କହିଛନ୍ତି।


ଧାମନଗର ବ୍ଲକରେ ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କରିଛି।

## ଦୁର୍ଘଟଣାରେ ଛାତ୍ରୀଙ୍କ ସମେତ ୪ ଗୁରୁତର

**ପଦ୍ମପୁର, ୧୯।୧୧ (ଡି.ଏନ.ଏ.)**

ଭଦ୍ରକ-ଇଛାପୁର ରାସ୍ତାର ସାବରଙ୍ଗଠାରେ ସୋମବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଛାତ୍ରୀଙ୍କ ସମେତ ୪ ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ରୀ ହେଲେ ଭଦ୍ରକ ବ୍ଲକ ଚକପୁର ଗ୍ରାମର ଲକ୍ଷ୍ମୀପ୍ରିୟା ମଳିକ। ସୂଚନା ଅନୁଯାୟୀ, ଭଦ୍ରକରୁ ଏକ ବାଇକ୍‌ରେ ୩ ଜଣ ଯୁବକ ଆସୁଥିଲେ। ସାବରଙ୍ଗ ଉଚ୍ଚବିଦ୍ୟାଳୟ ଛକଠାରେ ସାଇକେଲରେ ଆସୁଥିବା ଲକ୍ଷ୍ମୀପ୍ରିୟାଙ୍କ ସହ ସେମାନଙ୍କର ଧକ୍କା ହୋଇଥିଲା। ଏଥିରେ ଲକ୍ଷ୍ମୀପ୍ରିୟା ଓ ୩ ଯୁବକ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାବରଙ୍ଗ ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରହଣିଆରେ ଜନ ପରାମର୍ଶ ପଦଯାତ୍ରା



ପଦଯାତ୍ରାରେ ଭାଜପା କର୍ମୀ।

**ଭଣ୍ଡାରିପୋଖରୀ, ୧୯।୧୧ (ଡି.ଏନ.ଏ.)**

ଭାଜପାର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ସୋମବାର ରହଣିଆ ପଞ୍ଚାୟତର ଆକୁଳିକଣା, ସୁରୁବଣ, ସୈଶଲ୍ୟପୁର ଓ ଭୁଷୁକା ଗ୍ରାମରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପାର ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଅଶୋକ ବଜାର ଓ ବରୁଣେଶ୍ୱର ମହାଦେବ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ବରୁଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶତାଧିକ ଦଳୀୟ କର୍ମୀ ଜନ ପରାମର୍ଶ ରଥ ସହ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅପାରଗତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସ୍ଥାନୀୟ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରଭାତ ଜେନା, ବସନ୍ତ ରାଉତ, ନିର୍ମଳ କର, ଭୀମସେନ ନାୟକ, ପ୍ରଦୀପ ନାୟକ, ବିଶ୍ୱନାଥ ତ୍ରିପାଠୀ ପ୍ରମୁଖ ଏଥିରେ ସାମିଲ ଥିଲେ। ମଣ୍ଡଳ ସଭାପତି ମୁକୁନ୍ଦ ଚରଣ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ରାମଚନ୍ଦ୍ର ସେନାପତି, ନିରାକର ସାହୁ ପ୍ରମୁଖ ଘରକୁ ଘର ବୁଲି ପରାମର୍ଶପତ୍ର ସଂଗ୍ରହ କରିଥିଲେ।

## ସମବାୟ ସପ୍ତାହ ଉତ୍ସବରେ ଏଜିଏମ୍ ଅଶ୍ୱିନୀ ସମ୍ମାନିତ

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ, ବାଲେଶ୍ୱର ଜିଲା ସମବାୟ ସଂଘ ଆନୁକୂଲ୍ୟରେ ବ୍ରାଟ କଲ୍ୟାଣ ମଣ୍ଡପ ପରିସରରେ ୬୫ ତମ ନିଖିଳ ସମବାୟ ସପ୍ତାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭଦ୍ରକ




ସମବାୟ ବ୍ୟାଙ୍କ ଯୁଗ୍ମ ଦେୟଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବାରେ ଭଦ୍ରକ ଜିଲା ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହି ଉତ୍ସବରେ ଏଜିଏମ୍ ଅଶ୍ୱିନୀ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଭଦ୍ରକ ସମବାୟ ବ୍ୟାଙ୍କ ଅଧୀନରେ ଥିବା ଉଗାଳପୁର ସୁନିତ ସ୍ୱୟଂସହାୟିକା ଗୋଷ୍ଠୀକୁ ମୁଖ୍ୟଅତିଥି ମନ୍ତ୍ରୀ ସାମଲ ସମ୍ମାନିତ କରିଥିଲେ।

## ବ୍ଲକ କାର୍ଯ୍ୟାଳୟ ଘେରାଉ, ପ୍ରତିବାଦ ସଭା

**ଚାନ୍ଦବାଲି, ୧୯।୧୧ (ଡି.ଏନ.ଏ.)**

ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା ପ୍ରତିବାଦରେ ଚାନ୍ଦବାଲି ବ୍ଲକ ଭାଜପା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦଳୀୟ ନେତା ଓ କର୍ମୀଙ୍କ ଏକ ବାଇକ୍ ଶୋଭାଯାତ୍ରା କାଳୀ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ପ୍ରତିବାଦ ସଭା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ପାତରଅନ୍ତର, ରାଶନ କାର୍ଡ ପ୍ରଦାନରେ ଦଳୀୟ ପ୍ରିୟାପ୍ରୀତି ତୋଷଣ, ବିଭିନ୍ନ ଯୋଜନାରେ ପିସି କାରବାର, ସମବାୟ ଅର୍ଥ ହଡ଼ପ, କେନ୍ଦ୍ରର ସ୍ୱାସ୍ଥ୍ୟବୀମା ଯୋଜନାରେ ରାଜ୍ୟ ସାମିଲ ନ ହେବା, ନାରୀ ନିର୍ଯାତନା ଓ କୃଷକ ମାରଣ ନୀତି ନେଇ ସଭାରେ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ପରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ପୋଲିସ୍ ମୁତୟନ ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ଭାଜପା ନେତା ବିଷ୍ଣୁ ସେଠୀ, ମନସ୍ୱିନୀ ଖୁଣ୍ଟିଆ, ଶରତ ଦାସ, ବିଶ୍ୱକେଶରୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁ ବେହେରା, କମଳାକାନ୍ତ ସୂତାର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ।


ଶୋଭାଯାତ୍ରାରେ ଭାଜପା କର୍ମୀ ଚାନ୍ଦବାଲି ସହର ପରିକ୍ରମା କରୁଛନ୍ତି।

## ୨ ଘଣ୍ଟା ଟ୍ରାଫିକ ଜାମରେ ଫସିଲେ ଯାତ୍ରୀ


ଟ୍ରାଫିକ୍‌ରେ ଯାତ୍ରୀ ଅଟକି ରହିଛନ୍ତି।

**ବାସୁଦେବପୁର, ୧୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରରେ ବର୍ତ୍ତମାନ କାଳୀପୂଜା ଚାଲିଥିବା ବେଳେ ସହରରେ ଗହଳି ଲାଗି ରହିଛି। ସୋମବାର ପୂର୍ବାହ୍ନରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୨ଘଣ୍ଟା ଜାମ ହୋଇଥିଲା। ପରିସ୍ଥିତି ଏପରି ହୋଇପଡିଥିଲା ଯେ ସହରର ମୁଖ୍ୟରାସ୍ତାର ପେଟ୍ରୋଲପମ୍ପ ଠାରୁ କଚେରିବଜାର ବାଲିନଗର ଛକ ପର୍ଯ୍ୟନ୍ତ ଯାତ୍ରୀ ଓ ଯାନବାହାନ କେହି କୁଆଡେ ଯାଇପାରି ନ ଥିଲେ। ସେହିପରି ବାଳିକା ହାଇସ୍କୁଲ ଛକ ଠାରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ମଧ ରାସ୍ତା ଜାମ ହୋଇଯାଇଥିଲା। ପୋଲିସ ବିଳମ୍ବରେ ପହଞ୍ଚି ଟ୍ରାଫିକ ସମସ୍ୟା ସୁଧାରିବାରେ ଉଦ୍ୟମ କରିଥିଲେ ମଧ୍ୟ ଏହାକୁ ସମାଧାନ କରିପାରି ନ ଥିଲେ। ଏପରି ସମସ୍ୟା ଦେଖାଯାଇଥିବାରୁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବିଶ୍ୱ ଶୌଚାଳୟ ଦିବସ

**ଧାମନଗର, ୧୯।୧୧ (ଡି.ଏନ.ଏ.)**

ଧାମନଗର ବ୍ଲକ ଭଣ୍ଡାରୀପଡା ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ସଂଗଠନ ସ୍ମାର୍ଟ ତରଫରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତି ଦେହୁରିଆ ଏବଂ ସହକାରୀ ଶିକ୍ଷକ ବିଭୁତି ଭୁଷଣ ଦାସଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ରୋଗମୁକ୍ତ ପରିବେଶ ପାଇଁ ପାଇଖାନା ବ୍ୟବହାର ଉପରେ ସ୍ଲୋଗାନମାନ ଦିଆଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର ଚିରଞ୍ଜିବୀ ନାୟକ,ଅତିଶ ପରିଡା, ସମିର ପରିଡା ପ୍ରମୁଖ ସହଯୋଗ କରିଥିଲେ।

## କାର୍ତ୍ତିକେଶ୍ୱରଙ୍କୁ ପୂଜାର୍ଚ୍ଚନା

**ବନ୍ତ, ୧୯।୧୧ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତ କଳାପାହାଡ଼ ଛକସ୍ଥିତ ପୂଜା ମଣ୍ଡପରେ ଶନିବାରଠାରୁ କାର୍ତ୍ତିକେଶ୍ୱର ପୂଜା ପାଳିତ ହେଉଛି। କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି, ରଙ୍ଗିନ ଆଲୋକ ସଜ୍ଜା ଓ ସୁଉଚ୍ଚ ତୋରଣ ଆଖି ଝଲସାଉଛି। ପୂଜା ଦେଖିବା ଲାଗି ମଣ୍ଡପ ନିକଟରେ ଆଖପାଖ ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମୁଛି। ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ ସ୍ଥାପନ ପରେ ରୀତିନୀତି ଅନୁଯାୟୀ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଥିଲା। କୃଷ୍ଣଚନ୍ଦ୍ର ବାରିକ, ରତ୍ନାକର ବାରିକ, ସୁବୋଧ ପାତ୍ର, ପ୍ରଦୀପ ରାଉତ, ଅହଲ୍ୟା ବାରିକ ପ୍ରମୁଖ କଳସ ଆଣିଥିଲେ। ଶରତ ରାଉତ, ତପନ ଜେନା, ଭରତ ବାରିକ, ରାଜେନ୍ଦ୍ର ଦାସ, ଅଜିତ ଦାସ, ନିଲୁ ରାଉତ, ଆଲୋକ ସେଠୀ, ଭୋଳାନାଥ ବାରିକ, ସୁରେନ୍ଦ୍ର ପାତ୍ର ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ଦୀର୍ଘ ୧୮ ବର୍ଷ ଧରି ଏଠାରେ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଆସୁଛି। ଚଳିତବର୍ଷ ୫ ଦିନ ଧରି ପୂଜା ଚାଲିବ। ଆସନ୍ତା ମଙ୍ଗଳବାର ସନ୍ଧ୍ୟାରେ ସାର୍ଥକ ଟିଭି ସାରେଗାମାପାର କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱର।

## ଗୋଷ୍ଠୀସଂଘର୍ଷ: ୧୦ ଆହତ, ୨ ଗୁରୁତର

**ଚାନ୍ଦବାଲି, ୧୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଉତ୍ତୁକୁଡା ପଞ୍ଚାୟତ ବୁରୁଜାଲ ଗାଁରେ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପରସ୍ପର ଟେକା ପଥର ଫିଙ୍ଗା ଯୋଗୁ କେତେକଙ୍କ ଘରର କାଚ ଝରକା ଭାଙ୍ଗି ଯାଇଥିବାବେଳେ ଗୋଟିଏ ଅଟୋରିକ୍ସା ମଧ୍ୟ ଭାଙ୍ଗିଯାଇଛି। ଖବର ପାଇ ମତୋ ଫାଣ୍ଡି ଓ ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, କମେଣ୍ଟ ମରାକୁ ନେଇ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ଘଟିଥିଲା।

## ଭିନ୍ନକ୍ଷମଙ୍କ ସଚେତନତା ଶୋଭାଯାତ୍ରା

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ ଜିଲା ପ୍ରଶାସନ, ଜିଲା ଜଳ ପରିମଳ ମିଶନ ଓ ପ୍ରଗତି ଯୁବକ ସଂଘ ସହଯୋଗରେ ଓଡ଼ିଶା ବିକଳାଙ୍ଗ ମଞ୍ଚର ଭିନ୍ନକ୍ଷମଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶୌଚାଳୟ ଦିବସ ଅବସରରେ ଭିନ୍ନକ୍ଷମଙ୍କ ବ୍ୟବହାର ଉପଯୋଗୀ ପାଇଖାନା ଘରୋଇ, ଗ୍ରାମ୍ୟ ଏବଂ ଇନଷ୍ଟିଚ୍ୟୁଟସନାଲ ସ୍ତରରେ କିପରି ଯୋଗାଇ ଦିଆଯାଇପାରିବ ସେନେଇ ସଚେତନତା କର୍ମଶାଳା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ଏକଜିକ୍ୟୁଟିଭ ଇଂ. ଅନ୍ତର୍ଯାମୀ ନାୟକ, ପ୍ରଗତି ଯୁବକ ସଂଘର ଦେବବ୍ରତ ଦାଶ, ଓଡ଼ିଶା ବିକଳାଙ୍ଗ ମଞ୍ଚର ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ବିକାଶମୂଳକ ଯୋଜନାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କିଭଳି ଅଧିକ ସହାୟତା ପ୍ରଦାନ କରାଯାଇପାରିବ କର୍ମଶାଳାରେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।



ଜିଲାପାଳଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

# ସାମାଜିକ ସଚେତନତା ଚିତ୍ରକଳ୍ପ ଆକର୍ଷଣ

**ବାସୁଦେବପୁର, ୧୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରରେ ଐତିହାସିକ କାଳୀପୂଜା ଏବେ ଜମିବାରେ ଲାଗିଛି। ୪ ପୂଜା ମଣ୍ଡପରେ ସୁସଜ୍ଜିତ ତୋରଣ, ଆଲୋକ ସଜା ସହିତ ପାର୍ଶ୍ୱ ଦେବଦେବୀ ଓ ସଚେତନତା ଚିତ୍ରକଳ୍ପ ଏଠି ମୁଖ୍ୟ ଆକର୍ଷଣ ସାଜିଛି। ଯାହାକି ଦେଖଣାହାରୀଙ୍କୁ ବାନ୍ଧି ରଖୁଛି। ଡାକ୍ତର ଅଭାବରୁ ରୋଗୀ କିପରି ମରଣ ମୁହଁରେ ପଡୁଛନ୍ତି ଓ କର୍ମଚାରୀ ଅଭାବରୁ ସରକାରଙ୍କ ନିରାମୟ ଯୋଜନା କିପରି ଫେଲ୍ ମାରୁଛି ବ୍ଲକରୋଡ କାଳୀପୂଜା ମଣ୍ଡପରେ ତାହାକୁ କଳାତ୍ମକ ରୂପରେ କଳାକୁଞ୍ଜରେ ଚିତ୍ରଣ କରାଯାଇଛି। ପୂଜା ମଣ୍ଡପ ନିକଟରେ କଳାକୁଞ୍ଜ ସାଙ୍ଗକୁ ପାର୍ଶ୍ୱ ଦେବଦେବୀ ଓ ବାରୁଆଳି ମୂର୍ତ୍ତି ଦେଖଣାହାରୀଙ୍କ ମନ ମୋହୁଛି। ସନ୍ଧ୍ୟା ହେଲେ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସେହିପରି ଟ୍ରାଫିକ ଛକ ପୂଜା ମଣ୍ଡପରେ ତ୍ରେତୟା ଯୁଗର ଅନ୍ଧକମୁନି ଓ ତାଙ୍କ ପତ୍ନୀଙ୍କୁ ପୁତ୍ର ଶ୍ରବଣ କୁମାର ଭାରରେ ବୋହି ତୀର୍ଥଯାତ୍ରା କରାଉଥିବା ବାପା ଓ ମା'ଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ ଏବଂ ବର୍ତ୍ତମାନ ସମୟରେ ଏହାର ବ୍ୟତିକ୍ରମ ହୋଇ ନବବିବାହିତ ଦମ୍ପତି ଓ ଅତ୍ୟାଧୁନିକ ଯୁଗର ଯୁବତୀ ଯୁବକ କିପରି ବୃଦ୍ଧ ମାତାପିତାଙ୍କ ଉପରେ ବୋଝ ହେଉଛନ୍ତି, ତାହାକୁ ଚିତ୍ରଶିଳ୍ପୀ ତୂଳୀରେ ଉପସ୍ଥାପନ କରିଛନ୍ତି। ହାଇସ୍କୁଲ ଛକରେ ମଦବିରୋଧୀ ସଚେତନତା ଏବଂ କଚେରି ବଜାର ପୂଜା ମଣ୍ଡପରେ ସୁନ୍ଦରୀ ବାଘ ମଣିଷ ଶିକାର କରୁଥିବାର ଦୃଶ୍ୟାବଳୀକୁ ଜୀବନ୍ତ ଭାବେ ପ୍ରଦର୍ଶନ କରାଯାଇଛି। ତେବେ ରଙ୍ଗିନ ଆଲୋକ ସାଜସଜ୍ଜାରେ ବାସୁଦେବପୁର ଅଞ୍ଚଳ ଝଲସୁଛି।


ବାସୁଦେବପୁର ବ୍ଲକ ରୋଡ୍ କାଳୀମେଢ଼



ଶ୍ରବଣ କୁମାରଙ୍କ କାହାଣୀକୁ ନେଇ ବାରୁଆଳି।

**ବାସୁଦେବପୁର କାଳୀପୂଜା**

## ସଂକ୍ଷେପରେ

### ଗଣ୍ଡଗୋଳ ସମାଧାନ କରିବାକୁ ଯାଇ ଜୀବନ ଗଲା

**ବାରିପଦା ଅଫିସ,୧୯।୧୧:** ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଙ୍ଗାରପଦା ଗାଁରେ ଗଣ୍ଡଗୋଳ ବେଳେ ଶିବ ହେମ୍ବ୍ରମ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଘାସିରାମ ପୂର୍ତ୍ତି(୨୦) ନାମକ ଯୁବକଙ୍କୁ ଗିରଫ କରିଛି। ସୂଚନା ମୁତାବକ ରବିବାର ରାତିରେ ଶିବଙ୍କ ଘର ସାମନାରେ ତାଙ୍କ ପଡୋଶୀ ଘାସିରାମ ଓ ଈଶ୍ୱର ମୁର୍ମୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେମାନଙ୍କୁ ବୁଝାଶୁଝା କରିବାକୁ ଶିବ ସେଠାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ଏନେଇ ରାଇରଙ୍ଗପୁର ଥାନାରେ ଏକ ମାମଲା (ନଂ ୫୦/୧୮) ରୁଜୁ ହୋଇଛି।

### ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ହାତିମୋଡ଼ା ଟିମ୍ ଚାମ୍ପିୟନ

**ବାଙ୍ଗିରିପୋଷି,୧୯।୧୧(ଡି.ଏନ.ଏ.):** ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଜଳଡିହା ଗ୍ରାମରେ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିବିସି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ହାତିମୋଡା ଏବଂ ଜଟିଆଶୋଳ ଫୁଟବଲ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହାତିମୋଡା ଫୁଟବଲ ଟିମ୍ ବିଜୟୀ ହୋଇଥିଲା। କ୍ଲବ ସଭାପତି ଦୁଃଖିଆ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ମୁଖ୍ୟବକ୍ତା ନାଙ୍ଗି ସମିତି ସଭ୍ୟ ସୁଗନ୍ଧା ମୁର୍ମୁ, ସମ୍ମାନନୀୟ ଅତିଥି ଭାବେ ଗୁରୁପ୍ରସାଦ ଡାଙ୍ଗୁଆ ଯୋଗଦେଇଥିଲେ।

### ଶିକ୍ଷା ବିଭାଗ ଆଲୋଚନାଚକ୍ର

**କପ୍ତିପଦା, ୧୯।୧୧(ଡ଼ି.ଏନ.ଏ.):** କପ୍ତିପଦା ବ୍ଲକ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରକୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଲିପିକା ବେହେରା ଉପସ୍ଥିତ ଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଉଦଳା ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଡ଼. ସନ୍ତୋଷ କୁମାର ପଣ୍ଡା ଶିକ୍ଷା ବ୍ୟବସ୍ଥାରେ ସ୍ୱତନ୍ତ୍ର ଶ୍ରେଣୀର ଶିଶୁଙ୍କ ପାଇଁ ଥିବା ସୁବିଧାସୁଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଶୀତକଣ୍ଠ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶେଷରେ ଶିକ୍ଷା ବିଭାଗର ଡ଼େମୋଷ୍ଟ୍ରେଟର ଭାନୁମତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଶ୍ୱ ସ୍ମରଣୀୟ ଦିବସ

**ବାରିପଦା ଅଫିସ,୧୯।୧୧:** ମୟୂରଭଞ୍ଜ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଶ୍ୱ ସ୍ମରଣୀୟ ଦିବସ ଜିଲାପାଳଙ୍କ ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ବାରିପଦା ଉପଜିଲାପାଳ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ଯୋଗଦେଇ ସଡ଼କ ଦୁର୍ଘଟଣାରୁ ରକ୍ଷା ପାଇବା ନିମନ୍ତେ ସତର୍କତା ଅବଲମ୍ବନ କରିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମଭିଆଇ ଚିନ୍ମୟୀ ମହାନ୍ତି ଯୋଗଦେଇ ଟ୍ରାଫିକ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର ଓ ସେବା ସହାୟତା ପାଇଁ ଦିଲୀପ କୁମାର ମିଶ୍ର ଏବଂ ଜୀବନ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଏଆରଟିଓ ବିଶ୍ୱରଞ୍ଜନ ବେହେରା,ବାରିପଦା ଅଗ୍ନିଶମ ସେବା ଅଧିକାରୀ ପ୍ରକାଶ କୁମାର ଜେନା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହଜାରେ କି.ମି.ର ମାନବ ଶୃଙ୍ଖଳ

**ବାରିପଦା ଅଫିସ,୧୯।୧୧**

ସମଗ୍ର ବିଶ୍ୱରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି। ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହି ଦିବସ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଛି। ଏ ଅବସରରେ ପୂର୍ବାହ୍ନ ୭ ଟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଛଉ ପଡ଼ିଆ ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହାପରେ ସମଗ୍ର ଜିଲାରେ ପ୍ରାୟ ୧ ହଜାର କିମି ଲମ୍ବ ବିଶିଷ୍ଟ ମାନବ ଶୃଙ୍ଖଳ କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଖୋଦ ଜିଲାପାଳ ବିନିତ ଭରଦ୍ୱାଜ, ଏଡିଏମ ଆବୋଲି ନରଭାଣେ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ, ସାଧାରଣ ଲୋକ, ବୁଦ୍ଧିଜୀବୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, କ୍ଲବ ସଦସ୍ୟ ଓ ଛାତ୍ରୀଛାତ୍ର ଏହି ଶୃଙ୍ଖଳରେ ସାମିଲ ହୋଇଥିଲେ। ଜିଲାର ୪୦୪ ପଞ୍ଚାୟତ, ୨୬ ବ୍ଲକ ସ୍ତରରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି।

ତୃଣମୂଳ ସ୍ତରରେ ଶୌଚାଳୟ ନିମନ୍ତେ ସଚେତନତା ସୃଷ୍ଟି ନିମନ୍ତେ ଜିଲା ପ୍ରଶାସନ ଜିଲାର ବିଭିନ୍ନ ଆବାସିକ ବିଦ୍ୟାଳୟରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନେ ଆବାସିକ ବିଦ୍ୟାଳୟରେ ଶୌଚାଳୟ ବ୍ୟବହାର କରୁଛନ୍ତି। ହେଲେ ଛୁଟିରେ ଗାଁକୁ ଗଲେ ଖୋଲା ପଡ଼ିଆ କିମ୍ବା ଅନ୍ୟାନ୍ୟ ସ୍ଥାନରେ ଶୌଚ ହେଉଛନ୍ତି। ଏଣୁ ସେମାନେ ରବିବାରଠାରୁ ନିଜ ନିଜ ପରିବାରକୁ ଶୌଚାଳୟ ନିର୍ମାଣ କରିବା ପାଇଁ ଚିଠି ଲେଖିବା ଆରମ୍ଭ କଲେଣି। ଏହାଦ୍ୱାରା ଶୌଚାଳୟ ନିର୍ମାଣ ଲକ୍ଷ୍ୟ କିଛି ମାତ୍ରାରେ ପୂରଣ ହେବ ବୋଲି ଜିଲା ପ୍ରଶାସନ ଆଶାବାଦୀ ଅଛି।

ସୂଚନା ମୁତାବକ ଜିଲାରେ ସର୍ଭେ ସମୟରେ ୫ ଲକ୍ଷ ୧୧ ହଜାର ପରିବାରରେ ଶୌଚଳୟ ନ ଥିବା ଜଣାପଡିଥିଲା। ପରେ ସ୍ୱଚ୍ଛ ଭାରତ ଯୋଜନା ଜରିଆରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଗଠନ ଉଦ୍ଦେଶ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୨ ଲକ୍ଷ ୫୦ ହଜାର ପରିବାର ଶୌଚାଳୟ ନିର୍ମାଣ କରି ବ୍ୟବହାର କରୁଛନ୍ତି। ବଳକା ପରିବାରଙ୍କୁ ସଚେତନ କରିବା ପାଇଁ ଜିଲାରେ ବିଭିନ୍ନ ସ୍ତରରେ ମଧ୍ୟ ସଚେତନ କରାଯାଉଛି। ପଞ୍ଚାୟତ ସ୍ତରରୁ ୱାର୍ଡ ସ୍ତରରେ ଏନେଇ ଅଧିକାରୀମାନେ ସଚେତନ କରୁଛନ୍ତି। ଜିଲାରେ ବର୍ତ୍ତମାନ ପ୍ରତିଦିନ ଏକ ହଜାର ଶୌଚାଳୟ ନିର୍ମାଣ କରାଯାଉଛି। ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇ ଦିନକୁ ୨ ହଜାର ଶୌଚାଳୟ ନିର୍ମାଣ କରିବା ପାଇଁ ଟାର୍ଗେଟ ରଖାଯାଇଛି। ଗୋଟିଏ ଶୌଚାଳୟ ନିର୍ମାଣ ଶେଷ କରିବା ପାଇଁ ୩ ଦିନ ସମୟ ଲାଗୁଥିବାରୁ ଆସନ୍ତା ୩୧ ଡିସେମ୍ବର ସୁଦ୍ଧା ଆହୁରି ୩ ଲକ୍ଷ ଶୌଚାଳୟ ନିର୍ମାଣ କରିବା ପାଇଁ ଯୋଜନା ରଖାଯାଇଛି। ଜିଲାର ମୋଟ ୪୦୪ ପଞ୍ଚାୟତରୁ ୬୫ ପଞ୍ଚାୟତର ସମସ୍ତ ପରିବାର ଶୌଚାଳୟ ନିମାଣ କରିସାରିଥିବାବେଳେ ଏହି ପଞ୍ଚାୟତଗୁଡ଼ିକୁ ଖୋଲା ଶୌଚମୁକ୍ତ ପଞ୍ଚାୟତ ବୋଲି ଘୋଷଣା କରାଯାଇଛି ।


ମାନବ ଶୃଙ୍ଖଳରେ ଜିଲାପାଳ, ଏଡିଏମ ଓ ଅନ୍ୟମାନେ।

**ବିଶ୍ୱ ଶୌଚାଳୟ ଦିବସ**
- ସାମିଲ ହେଲେ ୧୦ ଲକ୍ଷ ଲୋକ
- ଜଗନ୍ନାଥ ମନ୍ଦିରରୁ ଛଉ ପଡିଆ ଯାଏ ହେଲା ମିନି ମାରାଥନ।



ବିଶ୍ୱ ଶୌଚାଳୟ ଦିବସ ଅବସରରେ ଠାକୁରମୁଣ୍ଡାରେ ଆୟୋଜିତ ବାଲୁକା କଳା।

# ସ୍ୱଚ୍ଛତା ହିଁ ସୁସ୍ଥତାର ମୂଳ ଆଧାର

**ବିଶ୍ୱ ଶୌଚାଳୟ ଦିବସ**

**କୋଷ୍ଠା, ୧୯।୧୧**

ସ୍ୱଚ୍ଛତା ହିଁ ସୁସ୍ଥତାର ମୂଳ ଆଧାର । ଶୌଚାଳୟ ବ୍ୟବହାର ସ୍ୱଚ୍ଛତା ରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଥିନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱ ଶୌଚାଳୟ ଦିବସ ଅବସରରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଠା ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ କୋଷ୍ଠା ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ସାତୁଆଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ନଗର ପରିକ୍ରମା କରିଥିଲା ।

**ଠାକୁରମୁଣ୍ଡା,(ଡି.ଏନ.ଏ)–** ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ମାନବ ଶୃଙ୍ଖଳ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ସମୟରେ ବ୍ଲକ ନିକଟରୁ ମାନବଶୃଙ୍ଖଳ ଆରମ୍ଭ କରାଯାଇ ବଜାର ପରିକ୍ରମା କରିବା ସହ ହାଇସ୍କୁଲ ପଡିଆରେ ପହଞ୍ଚି 'ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶାର ମାନବ ଶୃଙ୍ଖଳ ତିଆରି କରିଯାଇଥିଲା । ଏହି ଅବସରରେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ବାଲୁକା କଳାର ବାର୍ତ୍ତା ପ୍ରଦର୍ଶନୀ ହୋଇଥିଲା। ଏହାପରେ ସନ୍ଧ୍ୟାରେ ଅଗ୍ନିକୁ ସାକ୍ଷୀ ରଖି ଲୋକେ ସ୍ୱଚ୍ଛ ଓଡ଼ିଶା ଗଠନ ନିମନ୍ତେ ଶପଥପାଠ କରିଥିଲେ।

**ବଡ଼ସାହି,(ସ୍ୱ.ପ୍ର)–** ସୋମବାର ବଡ଼ସାହି ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି। ଗାନ୍ଧୀ ଛକ ଠାରୁ ଡାହିସାହି ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବାଇକ ରାଲି କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି ।

**ବିଶୋଇ :** ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥିରେ ସାମିଲ ଛାତ୍ରୀଛାତ୍ର ପ୍ରଥମେ ୪୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ମାନବ ଶୃଙ୍ଖଳା ସାହାଯ୍ୟରେ ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ସଚେତନତା କରାଇଥିଲେ। ପରେ ବିଶୋଇ ବ୍ଲକ ପରିସରରେ ଥିବା ସଭା ଗୃହରେ ବ୍ଲକ ଉପାଧ୍ୟକ୍ଷ ବୁଦ୍ଧିମାନ ମଣ୍ଡଳଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା।

**ଖୁଣ୍ଟା, (ଡି.ଏନ.ଏ.)–** ଗୋପବନ୍ଧୁନଗର ବ୍ଲକ ପକ୍ଷରୁ ବ୍ଲକ ସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ବିଡ଼ିଓ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପିଲାମାନେ ସ୍ୱଚ୍ଛତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ସେହିପରି ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଖେଳ ପଡିଆରେ ବିଡ଼ିଓ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

**କପ୍ତିପଦା, (ଡ଼ି.ଏନ.ଏ.)–** କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଶୌଳାଚୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଫକୀର ଚରଣ ବେହେରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ଼ ଧରି ସଚେତନତା ସୃଷ୍ଟି କରିଥିଲେ ।

**ରାଇରଙ୍ଗପୁର(ଡି.ଏନ.ଏ.)–** ରାଇରଙ୍ଗପୁରଠାରେ ବିଶ୍ୱଶୌଚାଳୟ ଦିବସ ପାଳନ ସହ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁରସ୍ଥିତ ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ 'ଆମେ ସଭିଁଏ ଏକ ହେବା, ଖୋଲା ମଳମୁକ୍ତ ପଞ୍ଚାୟତ ସମିତି ଗଠନ କରିବା' ରାଲି ବଜାର ପରିକ୍ରମା କରିଥିଲା। ଏଥିସହ ସ୍ଥାନୀୟ କଚେରୀ ପଡିଆ ପରିସରଠାରେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ମାନବ ଶୃଙ୍ଖଳ ଆୟୋଜନ ସହ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

### ସୁନାରୁପା ଅଳଙ୍କାର, ଟଙ୍କା ଲୁଟ୍

**ରାଇରଙ୍ଗପୁର,୧୯।୧୧(ଡି.ଏନ.ଏ.)**

ରାଇରଙ୍ଗପୁର ସହରାଞ୍ଚଳ ଅଁଳାଡ ବସ୍ତି ଅଞ୍ଚଳର ଜୈନିକ ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଲକ୍ଷାଧୀକ ଟଙ୍କାର ଅଳଙ୍କାର, ୨ ଟି ମୂଲ୍ୟବାନ୍ ଘଣ୍ଟା ସମେତ ନଗଦ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହେରାଇଛି। ଡାକ୍ତର ପ୍ରଶାନ୍ତ ନିଜ ପରିବାର ସହ କିଛିଦିନ ଧରି ଅନ୍ୟତ୍ର ଯାଇଥିବା ବେଳେ ତାଙ୍କ ଘରେ ତାଲା ପଡିଥିଲା। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଲୁଟ୍ କରିଥିବା ଜଣାଯାଇଛି। ଖବରପାଇ ସହରାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


ସମାରୋହରେ ଯୋଗଦେଇଥିବା ଖବରଦାତାମାନେ ।

# 'ସତ୍ୟ, ତଥ୍ୟଭିତ୍ତିକ ଖବର ପରିବେଷଣ କର'

**ବହଳଦା,୧୯।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଖବର ସଂଘ ପକ୍ଷରୁ ରାଇରଙ୍ଗପୁର ମହତାବ ଭବନଠାରେ ଜିଲାସ୍ତରୀୟ ଖବରଦାତା ସମାବେଶ ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବର୍ଷୀୟାନ ଖବରଦାତା ଓ ସ୍ତମ୍ଭକାର ରବି ଦାସ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ରାଜାରାମ ଶତପଥୀ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ପୂର୍ବତନ ରାଜ୍ୟ ସଭାପତି ମନୋଜ କୁମାର ଦାସ,ବରିଷ୍ଠ ଖବରଦାତା ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇଥିଲେ । ଖବରଦାତାମାନେ ସତ୍ୟ ସହିତ ତଥ୍ୟ ଭିତ୍ତିକ ଖବର ଓ ତାହାପୁଣି ଗୁଜବ କିମ୍ବା ମନଗଢା ନ ହୋଇ ପାଠକଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଗ୍ରାମାଞ୍ଚଳର ଖବରଦାତା ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତିକାରର ଏକ ପରାମର୍ଶକେନ୍ଦ୍ର ହେବା ଉଚିତ ବୋଲି କହିଥିଲେ। ସୋସିଆଲ ମିଡିଆର ପ୍ରଭାବ ଯୋଗୁ ଖବର କାଗଜର ପାଠକ ସଂଖ୍ୟା କମୁଛି। ଖବରକାଗଜର ମୃତ୍ୟୁ ହୋଇପାରେ, କିନ୍ତୁ ଖବରଦାତାଙ୍କ ମୃତ୍ୟୁ ନାହିଁ ବୋଲି ସେ କହିଥିଲେ । ସାମ୍ବାଦିକ ଚିହ୍ନଟ ଆଳରେ ସରକାର ସେମାନଙ୍କ ସ୍ୱାସ୍ଥ୍ୟବୀମା,ପେନସନ ପ୍ରଦାନରେ କାଳକ୍ଷେପଣ କରୁଥିବାରୁ ମନୋଜ ଦାସ ଉଦ୍‌ବେଗ କହିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶ୍ରୀ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ , ଗିତା ଦାସ ଅଧିକାରୀ, ପୁଷ୍ପାଞ୍ଜଳି ରାଉତ, ମାନିକ ଲାଲ ପାଣି, ଶରତ କୁମାର ତ୍ରିପାଠୀ, ନିହାର ରଞ୍ଜନ ବେହେରା, ରଣଜିତ ସାହୁ, ସୁଜିତ ପଟ୍ଟନାୟକ, ସନ୍ତୋଷ କୁମାର ବାଛିନୀ, ସତ୍ୟବ୍ରତ ଭୋଳ ଓ ବିତରକ ପ୍ରଫୁଲ୍ଲଚନ୍ଦ୍ର ନାୟକଙ୍କୁ ମାନପତ୍ର,ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଲଳିତ କୁମାର ମହାନ୍ତ ମଞ୍ଚ ସଞ୍ଚାଳନ କରିଥିବାବେଳେ ଦୂରଦର୍ଶନ ଖବରଦାତା ସୌରଭ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲାର ୨୬ ବ୍ଲକର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏହି ସମାବେଶରେ ଯୋଗଦେଇଥିଲେ ।

**ରାଜ୍ୟସ୍ତରୀୟ ସାହାଣୀ କପ**

# ମୟୂରଭଞ୍ଜ ଦଳର ସମ୍ବଲପୁର ଯାତ୍ରା

**ବାରିପଦା ଅଫିସ,୧୯।୧୧**

ରାଜ୍ୟସ୍ତରୀୟ ସାହାଣୀ କପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲାର ଫୁଟବଲ ଦଳ ସମ୍ବଲପୁର ଯାତ୍ରା କରିଛନ୍ତି। ୧୮ଜଣିଆ ଫୁଟବଲ ଦଳରେ ଅଧିନାୟକ ରବୀନ୍ଦ୍ର ହେମ୍ବ୍ରମ, ବାଘରାଏ ହେମ୍ବ୍ରମ, କୁଅଁର ମାର୍ଣ୍ଡି, ତପନ କୁମାର ମହାକୁଡ଼, ବିଶ୍ୱମ୍ଭର ମାର୍ଣ୍ଡି, ଲୁବିନ ମୁର୍ମୁ, ରାଇସେନ ଟୁଡୁ, ଫାଗୁ ହେମ୍ବ୍ରମ, ସୁନୀଲ ମାର୍ଣ୍ଡି, ବାଇଧର ହେମ୍ବ୍ରମ, ସୁଖଲାଲ ବେସ୍ରା, ମାସିଂ ମୁର୍ମୁ, ନାନୁରାମ ଟୁଡୁ, ରମେଶ ମଲହା, ପାଇକ ସୋରେନ, ସଞ୍ଜୟ ହେମ୍ବ୍ରମ ପ୍ରମୁଖ ରହିଛନ୍ତି। ଏଠାରେ ସୂଚନା ଯୋଗ୍ୟଯେ,ସମ୍ବଲପୁରର ୪ଟି ଜୋନର ୪ଟି ସ୍ଥାନରେ ଖୋଲା ହେବାକୁ ଥିବା ବେଳେ ନାକଟି ଦେଉଳାଠାରେ ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ଖେଳିବ। ଏହା ସହିତ ଟିମ ମ୍ୟାନେଜର ଭାବେ ସୁକେନ୍ଦୁ ଦଳ ସହ ମଧ୍ୟ ଯାତ୍ରା କରିଥିବା ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।


ଜିଲା ଫୁଟବଲ ଟିମ୍‌ର ସଦସ୍ୟଙ୍କ ସହ ପ୍ରଶିକ୍ଷକ।

# ଓଷ୍ଟା ମେଧାବୃତ୍ତି ପରୀକ୍ଷା

**ବଡ଼ସାହି,୧୯।୧୧(ସ୍ୱ.ପ୍ର.)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ମେଧାବୃତ୍ତି ପରୀକ୍ଷା ମୂଷାଗଡ଼ିଆ ବିସି ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୮୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳରାମ ଦାସ, ଜିଲା ଉପସଭାପତି ସନ୍ତୋଷ କୁମାର କାସ୍ତ, ବ୍ଲକ ସଭାପତି ସରୋଜ କୁମାର ବେହେରା, ସମ୍ପାଦକ ପ୍ରଭାସ କୁମାର ନାୟକ, ଉପସଭାପତି ଦେବରାଜ ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମେଧା ଅନ୍ୱେଷଣ କରିବା ଉକ୍ତ ପରୀକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଖୁଣ୍ଟା ବ୍ଲକ ସମ୍ପାଦକ ସହଦେବ ବେହେରା, ପୂର୍ବତନ ଶିକ୍ଷକ ନେତା ରାଜେନ୍ଦ୍ର ଜେନା ଓ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।


ମେଧାବୃତ୍ତି ପରୀକ୍ଷା ଅବସରରେ ଉପସ୍ଥିତ ଅତିଥିମାନେ।

**ସରକାରୀ କାର୍ଯ୍ୟକ୍ରମରେ ଦୁର୍ବ୍ୟବହାର ଅଭିଯୋଗ**

# ୨୦ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକ୍ରମ ବର୍ଜନ

**ବାରିପଦା ଅଫିସ,୧୯।୧୧**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକରେ ସୋମବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି କାର୍ଯ୍ୟକ୍ରମରେ ଏକ ରାଜନୈତିକ ଦଳର କର୍ମୀମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବା କୁଳିଅଣା ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାଏକ ସୋମବାର ବାରିପଦାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ବିଳମ୍ବରେ କାର୍ଯ୍ୟକ୍ରମ ସମ୍ପର୍କରେ ଖବର ଦିଆଯାଇଥିବା ବେଳେ ପ୍ରସ୍ତୁତି ବୈଠକକୁ ମଧ୍ୟ ଡକାଯାଇ ନ ଥିଲା। ଅପରପକ୍ଷେ ଏହି କାର୍ଯ୍ୟକ୍ରମକୁ ଅନ୍ୟ ନିର୍ବାଚନ ମଣ୍ଡଳୀର ଜଣେ ବିଧାୟକଙ୍କୁ ଅତିଥି ଭାବେ ଡକାଯାଇଥିଲା। ଏଣୁ ୯ ଜଣ ସମିତି ସଭ୍ୟ ଓ ୧୧ ଜଣ ସରପଞ୍ଚ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବେ ବୋଲି ମଧ୍ୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସମିତିସଭ୍ୟ ଶଙ୍କର ପ୍ରସାଦ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ସରପଞ୍ଚ ଶକ୍ତିମଣି ନାଏକଙ୍କ ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ କୁଳିଅଣା ଗୋଷ୍ଠି ଉନ୍ନୟନ ଅଧିକାରୀ ରାଖାଲ ଚନ୍ଦ୍ର ପରିଡାଙ୍କୁ ଯୋଗଯୋଗ କରିବାରୁ ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ କାର୍ଯ୍ୟକ୍ରମ ଥିଲା। ଏଥିରେ ଅତିରିକ୍ତ ଜିଲାପାଳଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ଯୋଗ ଦେଇଥିଲେ ବୋଲି କହିଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧିବୃନ୍ଦ।

## ସଂକ୍ଷେପରେ

### ବୋହୂଙ୍କୁ ଯୌତୁକ ନିର୍ଯାତନା

**ହାଟଡିହୀ, ୧୯।୧୧(ଡି.ଏନ.ଏ.):** ଶ୍ୱଶୁର ଘର ଲୋକେ ଜଣେ ମହିଳାଙ୍କୁ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ହାଟଡିହୀ ବ୍ଲକ ମୌଦା ଗ୍ରାମର ପଦ୍ମନାଭ ପଡିଆରୀଙ୍କ ଝିଅ ଉର୍ମିଳା ତେମଳା ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁଙ୍କ ପୁଅ ସନ୍ତୋଷଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବାହାଘରର କିଛି ବର୍ଷ ପରେ ଶ୍ୱଶୁର ଘର ଲୋକ ଉର୍ମୀଳାକୁ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ଉର୍ମିଳାଙ୍କ ଭାଇ ଜଗନ୍ନାଥ ପଡିଆରୀ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ହାଇୱା ଟ୍ରକ୍ ଜବତ

**ଯୋଡ଼ା, ୧୯।୧୧(ଡି.ଏନ.ଏ.):** ଯୋଡ଼ାସ୍ଥିତ ବାଂଶପାଣିରୁ ଚୋରି ହୋଇଥିବା ଏକ ହାଇୱା ଟ୍ରକ୍‌କୁ ପୋଲିସ ଦେଓଝରଠାରୁ ଜବତ କରିଛି। ଏହି ମାମଲାରେ ଟ୍ରକ୍‌ର ଡ୍ରାଇଭର ବୀର ମାଝି ଓ ହେଲପର ବିଦ୍ୟାଧର ମହାକୁଡ଼କୁ ସୋମବାର ପୋଲିସ ଗିରଫ କରିଛି। ଉଭୟଙ୍କ ଘର ଚମ୍ପୁଆ ଥାନା ଆଙ୍ଗୁଡିଆ ଗ୍ରାମରେ ବୋଲି ଜଣାପଡିଛି। ବାଂଶପାଣିର ରାହୁଲ ପଟ୍ଟନାୟକଙ୍କର ହାଇୱା ଟ୍ରକ୍ ନଂ ଓଆର୦୯ଏନ୧୭୦୭ ଗତ ୧୬ ତାରିଖରେ ଏକ ଖଣିରୁ ଚୋରି ହୋଇଥିଲା। ଟ୍ରକ୍‌କୁ ଝାଡଖଣ୍ଡ ଅଞ୍ଚଳକୁ ନେଇଯାଇଥିଲେ। ପୋଲିସ ଜିପିଏସ ମାଧ୍ୟମରେ ପିଛା କରି ଧରିବାରେ ସକ୍ଷମ ହୋଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଆଦିବାସୀ ଯୁବକଙ୍କ ପତ୍ତା ମିଳୁନି

**ଝୁମ୍ପୁରା, ୧୯।୧୧(ଡି.ଏନ.ଏ.):** ଜଣେ ଆଦିବାସୀ ଯୁବକ ନିଖୋଜ ହୋଇଥିବା ତାଙ୍କ ବାପା ଝୁମ୍ପୁରା ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଘର ଯାଜପୁର ଜିଲ୍ଲା କାଳିଆପାଣି ଥାନା ଗୋରାମିଆଁ ଗ୍ରାମରେ। ପୁଅ ମାନସିକ ଅନଗ୍ରସର ଥିବାରୁ ୨ ମାସ ପୂର୍ବରୁ ଝୁମ୍ପୁରା ଥାନାଞ୍ଚଳର ବିଷ୍ଣୁପୁର (ମୁଣ୍ଡାସାହି) ନିଜ ସମ୍ପର୍କୀୟଙ୍କ ଘରେ ଛାଡିଥିଲେ। ଗତ ୧୩ରୁ ସେ କେଉଁ ଆଡେ ଚାଲି ଯାଇଛନ୍ତି। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳୁନାହିଁ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ଆନନ୍ଦପୁର,୧୯।୧୧(ସ୍ୱ.ପ୍ର.):** ୨୦ ନଂ ଜାତୀୟ ରାଜପଥ ଘସିପୁରା ଥାନା କୋଲିମାଟିଠାରୁ ପ୍ରାୟ ୨ କି.ମି. ଦୂରରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବତୀଯୁବକ ଗୁରୁତର ହୋଇଛନ୍ତି। ଖବର ପାଇ ଘଟଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟଙ୍କୁ ଆମ୍ବୁଲାନସ୍ ଡକାଇ ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଦୁଇ ଜଣ ଯାଜପୁର ଅଞ୍ଚଳର ବୋଲି ଜଣାପଡିଛି। ଉଭୟ ତାରିଣୀ ଦର୍ଶନ ସାରି ଓଡି୩୪ସି-୦୫୨୯ ପଲସର୍‌ରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡିଥିଲେ।

### ମଦ ଜବତ, ୫ ଗିରଫ

**ପାଟଣା/ହାଟଡିହୀ,୧୯।୧୧(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇ ପଶି ପଞ୍ଚାୟତ ସିଲିଦା ଗ୍ରାମର ଲକ୍ଷ୍ମୀଧର ସେଠୀ ନାମକ ଜଣେ ଯୁବକଙ୍କୁ ବିଦେଶୀ ମଦ କାରବାର ଅଭିଯୋଗରେ ଶନିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ନିଜ ଫାଷ୍ଟଫୁଡ଼ ଦୋକାନରେ ବିଦେଶୀ ମଦ ରଖି ବ୍ୟବସାୟ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଖବର ପାଇ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୮/୧୮) ରୁଜୁ ହୋଇଛି।

ସେହିପରି ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଚୋରା ମଦ ବେପାରରେ ସମ୍ପୃକ୍ତ ୪ ଜଣ ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି ସରଳା ଗ୍ରାମର ବାବୁ ପରିଡା, ଅଡେଇଦ୍ୱାରର ପ୍ରଫୁଲ୍ଲ ବେହେରା, ଶାଳକଣିଆର ଚନ୍ଦ୍ର ମୁଣ୍ଡା ଓ ବସନ୍ତିଆର କୃଷ୍ଣ ଟୁଡୁ। ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର୍ ସନ୍ତୋଷ ପ୍ରଧାନ, ଏସଆଇ ଅଭିରାମ ବେହେରା, ଏଏସଆଇ ନରେନ୍ଦ୍ର ସାହୁ, ରେବତୀ ସାହୁ, ସଞ୍ଜୀବ ସେଠୀ, ଅନନ୍ତ ରାଜ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଏଥିସହ ଏକ ସ୍କୁଟି ମଧ୍ୟ ଜବତ କରାଯାଇଛି।

# ଚେନ୍ନାଇରେ ଓଡ଼ିଆ ନାବାଳିକା ନିଖୋଜ

**କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.)**

- ସ୍କିଲ ଇଣ୍ଡିଆରେ ନେଇଥିଲେ ତାଲିମ
- ଏକ ସଂସ୍ଥା ଦ୍ୱାରା ଯାଇଥିଲେ ବିଦେଶ
- ଖୋଜିବା ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଗୁହାରି

ସ୍କିଲ ଇଣ୍ଡିଆରେ ସିଲାଇ ପାଇଁ ତାଲିମ ନେଇ ସ୍ୱାବଲମ୍ବୀ ହେବେ ଆଶା ରଖିଥିଲେ। ଘର ପରିବାର ଚଳାଇବା ପାଇଁ ୩ ମାସିଆ ସିଲେଇ ତାଲିମ ପରେ ଚେନ୍ନାଇକୁ ଚାକିରି କରିବାକୁ ଯାଇଥିଲେ। ଏବେ ତାଙ୍କର କୌଣସି ପତ୍ତା ମିଳୁନି। ଜଣେ ୧୭ ବର୍ଷର ନାବାଳିକା ନିଖୋଜ ନେଇ ପରିବାର ଲୋକେ ଚିନ୍ତାରେ ଦିନ କାଟୁଛନ୍ତି। ନାବାଳିକାଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ ଗୌଡ଼ଚମ୍ପେଇ ଅଞ୍ଚଳରେ। ମାଟ୍ରିକ୍ ପରୀକ୍ଷା ପରେ ତାଲିମ ନେବାକୁ ଏକ ସଂସ୍ଥା ମାଧ୍ୟମରେ ବିଦେଶ ଯାଇଥିଲେ। ନିଖୋଜ ହେବା ପରେ ନାବାଳିକା ଜଣଙ୍କୁ ନେଇଥିବା ସଂସ୍ଥା ଚୁପ୍ ରହିଛି। ନାବାଳିକାଙ୍କ ସମ୍ପର୍କରେ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରାଗଲେ ଧମକ ଚମକ ଦିଆଯାଉଥିବା ପରିବାର ଲୋକେ ଟାଉନ ଥାନା, ଜିଲାପାଳ ଓ ଏସପିଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।

ସରକାର ମହିଳାଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ଡିଣ୍ଡିମ ପିଟୁଥିବାବେଳେ ଏଭଳି ଜଣେ ଆଦିବାସୀ ନାବାଳିକା ନିଖୋଜ ଘଟଣାକୁ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ନାରୀନେତ୍ରୀ କିରଣବାଳା ନାୟକ କହିଛନ୍ତି। ସରକାର ହସ୍ତକ୍ଷେପ କରି ନାବାଳିକାଙ୍କୁ ଫେରାଇ ଆଣିବାକୁ ଦାବି ହେଉଛି। ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ଧୋବାଡିହାଠାରେ ଥିବା ଏକ ତାଲିମ କେନ୍ଦ୍ରରେ ନାବାଳିକା ଜଣଙ୍କ ୩ ମାସ ସିଲେଇ ତାଲିମ ନେଇଥିଲେ। ପରେ ସଂସ୍ଥା ପକ୍ଷରୁ ଅଧିକ ତାଲିମ ନେଇ ଚାକିରି କରିବାକୁ ଚେନ୍ନାଇ ନିଆଯାଇଥିଲା। ଏବେ ତାଙ୍କର କୌଣସି ପତ୍ତା ମିଳୁନି। ଏ ନେଇ ଉକ୍ତ ସଂସ୍ଥା କୌଣସି ଖବର ଦେଉନାହିଁ ବୋଲି ନାବାଳିକାଙ୍କ ପରିବାର ଲୋକେ କହିଛନ୍ତି। ଉକ୍ତ ସଂସ୍ଥା ଅଧୀନରେ ପାଖାପାଖି ୩୦ ଝିଅ ବାହାରକୁ ଯାଇଥିଲେ। ଏ ନେଇ ଏସପି ଓ ଜିଲାପାଳଙ୍କୁ ଲିଖିତ ଜଣାଯାଇଛି। ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏ ନେଇ ବଡ଼ହଲସ୍ଥିତ ସ୍କିଲ ଡେଭେଲପମେଣ୍ଟ ସଂସ୍ଥାର କର୍ମଚାରୀ ରଞ୍ଜନ ଦାଶ କହିଛନ୍ତି ଯେ, ସେମାନେ ଚାକିରି କରିବାକୁ ଯାଇଥିଲେ। ତାଙ୍କର ଖୋଜ ଖବର ମିଳୁନାହିଁ। ପୋଲିସ ମୋବାଇଲ ଟ୍ରାକିଂ କରି ଜାଣିବାକୁ ପାଇଛି ଯେ, ନାବାଳିକା ଜଣଙ୍କ ପୁରୀରେ ଅଛନ୍ତି। ତାଙ୍କ ପରିବାର ଲୋକଙ୍କୁ ସାଥୀରେ ନେଇ ଖୋଜିବାକୁ ଯିବାକୁ ବାହାରିଥିଲୁ କିନ୍ତୁ ସେମାନେ ଯାଉନାହାନ୍ତି।

# କାଠ ବୋଝେଇ ଗାଡ଼ି ଜବତ, ୪ ଗିରଫ



ଜବତ କାଠ ବୋଝେଇ ଗାଡ଼ି ସହ ଗିରଫ ୪ ଯୁବକ।

**ବଡ଼ବିଲ,୧୯।୧୧(ସ୍ୱ.ପ୍ର.)**

ରୁଗୁଡି ଥାନା ପୋଲିସ ସୋମବାର କାଠ ବୋଝେଇ ୨ ସ୍କର୍ପିଓକୁ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇ ବଡ଼ବିଲ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗିରଫ ଯୁବକମାନେ ହେଲେ ଝାଡଖଣ୍ଡ ଗିରିଡିହି ଅଞ୍ଚଳର ବାସାରୁକି ଆନସାରୀ ଓରଫ୍ ପପୁ ଓ ମହମ୍ମଦ ଆନସାରୀ, ଝାଡ଼ଖଣ୍ଡ ବିଶ୍ରା ଟାଟାନଗର ଅଞ୍ଚଳର ସଞ୍ଜୀବ ପ୍ରଜାପତି ଏବଂ କେନ୍ଦୁଝର ଘଟଗାଁ ଥାନା ସାମନ୍ତରାୟପୁର ଅଞ୍ଚଳର ସେକ୍ ସଲିମ। ଗାଡି ନମ୍ବର ଓଆର୦୨ଏଟି୦୦୦୪ ଏବଂ ଓଆର୦୨ଏଡି୬୩୮ ବୋଲି ଜଣାପଡ଼ିଛି। ସୁନ୍ଦରଗଡ଼ କୋଇଡା ଅଞ୍ଚଳରୁ ଆମଦାନୀ ହେଉଥିଲା ବେଳେ ପୋଲିସ ହାବୁଡରେ ପଡିଥିଲା ବୋଲି ରୁଗୁଡି ଥାନା ଇନ୍ସପେକ୍ଟର ମାନସ ବାରିକ ସୂଚନା ଦେଇଛନ୍ତି।

# ଢେଙ୍କା ଫାର୍ମ ହାଉସ ପାଲଟିଛି ଭୂତକୋଠି

**ହାଟଡ଼ିହୀ, ୧୯।୧୧**


ନଷ୍ଟ ହେବାକୁ ବସିଥିବା ଢେଙ୍କା ଫାର୍ମ ହାଉସ।

ସରକାର କୃଷିକୁ ଅଗ୍ରାଧିକାର ଦେବା ସହ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରିଛନ୍ତି। ଏ ନେଇ ସରକାର ବିଭିନ୍ନ ସ୍ଥାନରେ ଫାର୍ମ ହାଉସ ନିର୍ମାଣ କରିଛନ୍ତି। ସରକାରୀ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ଫାର୍ମ ହାଉସରେ କୃଷି ଅଧିକାରୀ ନିଯୁକ୍ତି ହୋଇଛନ୍ତି। ମାତ୍ର ହାଟଡିହୀ ବ୍ଲକ ଢେଙ୍କା ଫାର୍ମ ହାଉସରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦାୟିତ୍ୱ ଥିବା କୃଷି ଅଧିକାରୀ ଅଧିକାଂଶ ସମୟ ଅନୁପସ୍ଥିତ ରାହୁଛନ୍ତି। ଗୃହଗୁଡ଼ିକ ଅସୁରକ୍ଷିତ ହୋଇ ଭୂତକୋଠି ପାଲଟିଛି। ସରକାରୀ କାର୍ଯ୍ୟାଳୟ ଚାରିପଟେ ଘାସ ବୁଦା ହୋଇଯାଇଛି। ଧାନ ଖଳାରେ ଘାସ ଚରିଯାଇଛି। କାର୍ଯ୍ୟାଳୟ ଓ ଗୋଦାମ ଗୃହ ଗୁଡ଼ିକ ଖୋଲା ଯାଉ ନ ଥିବାରୁ ସରୀସୃପଙ୍କର ଆଡ୍ଡାସ୍ଥଳୀ ପାଲଟିଛି।

ଆନୁମାନିକ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଗୃହ, ବିଭିନ୍ନ ଉପକରଣ ନଷ୍ଟ ହେବାକୁ ବସିଛି। ଫାର୍ମ ହାଉସ୍ ଭିତରେ ଲଗାଯାଇଥିବା ବିଭିନ୍ନ ଗଛଗୁଡ଼ିକ ରକ୍ଷଣାବେକ୍ଷଣା ଅଭାବରୁ ନଷ୍ଟ ହେବାକୁ ଯାଉଛି। କେହି କର୍ମଚାରୀ ରହୁ ନ ଥିବାରୁ ଗୃହ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଉକ୍ତ ଫାର୍ମ ହାଉସରେ କ'ଣ ହେଉଛି, ବର୍ଷକୁ କେତେ ଟଙ୍କା ଆସୁଛି, ଅଫିସ କର୍ଯ୍ୟାଳୟ ଓ ଗୋଦାମ ଗୃହ କାହିଁକି ସଫାସୁତୁରା ହେଉନାହିଁ ତାହାର ତଦନ୍ତ କରି ପଦକ୍ଷେପ ନେବାକୁ ସମିତି ସଭ୍ୟ ରାଜେନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ପ୍ରମୁଖ ଦାବି କରିଛନ୍ତି।

# ଡାକ୍ତର ନାହାନ୍ତି, ରୋଗୀ ହନ୍ତସନ୍ତ

**ହାଟଡ଼ିହୀ, ୧୯।୧୧**

ହାଟଡ଼ିହୀ ସରକାରୀ ଡାକ୍ତରଖାନାରେ ଆଜକୁ ୫ ବର୍ଷରୁ ଉର୍ଦ୍ଧ୍ୱ ହେଲା କୌଣସି ଡାକ୍ତର ନିଯୁକ୍ତି ହୋଇ ନାହାନ୍ତି। ରୋଗୀଙ୍କୁ ଆନନ୍ଦପୁର କିମ୍ବା ଭଦ୍ରକ ଯିବାକୁ ପଡୁଛି। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କୌଣସି ସୁଫଳ ମିଳି ପାରିନାହିଁ। ହାଟଡ଼ିହୀ ବିକାଶ ପରିଷଦ ତରଫରୁ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବି ନେଇ ତହସିଲ ଆଗରେ ଗଣଧାରଣା ଦିଆଯାଇଥିଲା। ସେହି ସମୟରେ ଆନନ୍ଦପୁର ଉପଜିଲାପାଳ ପହଞ୍ଚି ଡାକ୍ତର ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ହେଁ କୌଣସି ଡାକ୍ତର ଡାକ୍ତରଖାନାରେ ନିଯୁକ୍ତି କରାଯାଇନି। ଏ ନେଇ ଜନ ଅସନ୍ତୋଷ ତୀବ୍ର ହେଉଛି। ଡାକ୍ତର ନିଯୁକ୍ତି ନେଇ ପଦକ୍ଷେପ ନ ନିଆଗଲେ ହାଟଡ଼ିହୀ ବିକାଶ ମଞ୍ଚ ତରଫରୁ ଆନ୍ଦୋଳନ ତୀବ୍ର ହେବ ବୋଲି ମଞ୍ଚର ସଭାପତି ନିତ୍ୟାନନ୍ଦ ପହୀ ଓ ସମ୍ପାଦକ ସନାତନ ଜେନା ଦୃଢ଼ ଚେତାବନୀ ଦେଇଛନ୍ତି।

# ନିଯୁକ୍ତି ଦାବିରେ ଖଣି ଘେରିଲେ ଶ୍ରମିକ

**ଯୋଡ଼ା, ୧୯।୧୧(ଡି.ଏନ.ଏ.)**

ଯୋଡ଼ା ବ୍ଲକ ଜଳହରି ପଞ୍ଚାୟତର ଶତାଧିକ ମହିଳାପୁରୁଷ ସୋମବାର ନିଯୁକ୍ତି ଦାବି କରି ଏକ ଖଣିକୁ ଘେରାଉ କରିଥିଲେ। ସମ୍ପୃକ୍ତ କମ୍ପାନୀ ୨୦୧୦ରେ ନିଜର ଜନଶୁଣାଣି ବେଳେ ପ୍ରାୟ ୨୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ କମ୍ପାନୀ ପ୍ରତିଶ୍ରୁତି ଖିଲାପ କରିବାରୁ ସ୍ଥାନୀୟ ଲୋକେ ଖଣି କାର୍ଯ୍ୟ ବନ୍ଦ କରିଥିଲେ। ୨୦୧୪ରେ କମ୍ପାନୀ ଖଡବନ୍ଧ ଜଙ୍ଗଲକୁ କାଟ୍ କରି ନିଜର ପ୍ରୋଜେକ୍ଟ ଆରମ୍ଭ କରିବା ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇ ନ ଥିବାରୁ ଜଳହରି ପଞ୍ଚାୟତ ପକ୍ଷରୁ ଗ୍ରାମ ସଭା ନେଇ ନୋଟିସ ଜାରି କରାଯାଇଥିଲା। କମ୍ପାନୀ ତାହାକୁ ବେଖାତିର କରି ତାର କାର୍ଯ୍ୟ ଜାରି ରଖିଥିଲା। କମ୍ପାନୀ ନିଜର ପ୍ଲାଣ୍ଟ ନିର୍ମାଣ କରି ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ କରୁଥିବାରୁ ସ୍ଥାନୀୟ ଲୋକେ ପ୍ରଭାବିତ ହେଉଛନ୍ତି। ଲୋକଙ୍କୁ ନିଯୁକ୍ତି ଦାବି କରି ପଞ୍ଚାୟତବାସୀ ଖଣି ଘେରାଉ କରିଥିଲେ ବୋଲି ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କହିଛନ୍ତି। ଖବର ପାଇ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏହାର ସମାଧାନ ପାଇଁ ଏକ ସପ୍ତାହ ମଧ୍ୟରେ ଖଣି କର୍ତ୍ତୃପକ୍ଷ, ସ୍ଥାନୀୟ ଲୋକ ଓ ପ୍ରଶାସନର ଉପସ୍ଥିତିରେ ଏକ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

**କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶହୀଦ ସଦନଠାରେ ଜିଲା ସଭାପତି ଅନିରୁଦ୍ଧ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬୫ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବି ହାସଲ ପାଇଁ ବ୍ଲକ ଗ୍ରାଣ୍ଟ ସଂଘ ତରଫରୁ ମିଳିତ ମଞ୍ଚକୁ ସମର୍ଥନ ଦିଆଯାଇଥିଲା। ଦୀର୍ଘ ୧ବର୍ଷ ହେଲା ଦାବି ପୂରଣ ନ ହେବା ଏବଂ ଶିକ୍ଷକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବାରମ୍ବାର ପ୍ରତାରଣା କରିବା, ଶେଷରେ ମୁଖ୍ୟ ଦାବିରୁ ହଟିଯାଇ ୪୬ ଦିନର ଦରମା ମାଗିବା ଏବଂ ଲିଖିତ ଚୁକ୍ତିନାମା ଉଠାଇବା ଦାବି କରିବା ଦ୍ୱାରା ବ୍ଲକ ଗ୍ରାଣ୍ଟ ସଂଘ ମିଳିତ ମଞ୍ଚକୁ ସମର୍ଥନ ଓ ସହଯୋଗ ପ୍ରତ୍ୟାହାର କରିବାକୁ ସର୍ବସମ୍ମତି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

ମିଳିତ ମଞ୍ଚ ଦ୍ୱାରା ଆହୂତ ଆନ୍ଦୋଳନରେ ସାମିଲ ନ ହୋଇ ମଧ୍ୟ ଅନେକ ବିଦ୍ୟାଳୟଗୁଡିକର ସେପ୍ଟେମ୍ବର ୨୦୧୮ର ଦରମା କାଟି ଦିଆଯାଇଥିବାରୁ ଏବାବଦକୁ ନେଇ ଜିଲା ଶିକ୍ଷା ସହ ଆଲୋଚନା କରିବାକୁ ସହମତି ପ୍ରକାଶ ପାଇଥିଲା। ଠିକ୍ ସମୟରେ ଦରମା ବିଲ୍ ଦାଖଲ ଓ ଦରମା ପୈଠ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଶିକ୍ଷା ବିଭାଗକୁ ନିବେଦନ କରିଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ ନେଇ ଆନ୍ଦୋଳନ ନିଷ୍ପତ୍ତି

**ତେଲକୋଇ, ୧୯।୧୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ସନ୍ଧ୍ୟା ହେଲେ ବିଦ୍ୟୁତ୍ ସମସ୍ୟ ହେଉଛି। ବିଦ୍ୟୁତ୍ ବିଭ୍ରାଟକୁ ନେଇ କାଳିଆହତା, ବାଇଶପଲ୍ଲୀର ଆଦି ୫ ପଞ୍ଚାୟତର ଗ୍ରାମବାସୀ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ସ୍ଥାନୀୟ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ପାନୀୟଜଳ ଯୋଗାଣ ବ୍ୟାହତ ହେଉଛି। ସନ୍ଧ୍ୟାରେ ଜାଳେଣୀ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ଲୋକେ ବୋଲି ଅଭିଯୋଗରେ ଦର୍ଶା ଯାଇଛି। ଏ ନେଇ ସୋମବାର ୨୦ ନଂ ଜିଲା ପରିଷଦ କମଳିନୀ ଦଣ୍ଡପାଟ, ପୂର୍ବତନ ଜିଲା ପରିଷଦ ବିଦ୍ୟାଧର ରାଉଳ, ଶରତ ଚନ୍ଦ୍ର ବେହେରା, ସମିତିସଭ୍ୟ, ସରପଞ୍ଚମାନେ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

# ଅନ୍ୱେଷଣ ପରୀକ୍ଷାରେ ୨୬୧ ଛାତ୍ରୀଛାତ୍ର


ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

**ହାଟଡିହୀ,୧୯।୧୧(ଡି.ଏନ.ଏ.)**

ହାଟଡିହୀ ବ୍ଲକ ନନ୍ଦିପଦା ହାଟ ହାଇସ୍କୁଲଠାରେ ଓଷ୍ଟା ପକ୍ଷରୁ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୨୬୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷକ ନରେନ୍ଦ୍ର ପ୍ରସାଦ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ପଲେଇ, ପାଣ୍ଡବ ସାହୁ, ସର୍ମିଷ୍ଠା ମହାନ୍ତି, ଶିଶିର ବିଶ୍ୱାଳ, ନବଘନ ନାୟକ, କୋଦଣ୍ଡଧର ମହାନ୍ତି, ସୌମ୍ୟାପ୍ରିୟା ସ୍ୱାଇଁ, ଅନିରୁଦ୍ଧ ସେଠୀ, ମୋନାଲିସା ଜେନା, ଦେବାଶିଷ ବେହେରା, ନବଘନ ନାୟକ, ଶରତ ଶାସିନୀ, ପ୍ରଶାନ୍ତ ବେହେରା, ଗୟାଧର ମଲ୍ଲିକ, ବନମାଳି ଦାସ, ସୁମନ୍ତ ଦାସ, ଶଶିକାନ୍ତ ଜେନା, ବାସନ୍ତି ଲତା ଜେନା, ରବୀନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ। ୨୭ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ରଙ୍ଗମାଟିଆରେ ମହୁଲି ମଦର ବନ୍ୟା

**ହାଟଡ଼ିହୀ, ୧୯।୧୧**


ନାଳ ପାର୍ଶ୍ୱରେ ମହୁଲି ମଦ ପ୍ରସ୍ତୁତି କରାଯାଉଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପନ୍ଦାଡ଼ ପଞ୍ଚାୟତର ଆଦିବାସୀ ଗାଁ ରଙ୍ଗମାଟିଆ। ଉକ୍ତ ଗାଁ ଅଞ୍ଚଳରେ ମହୁଲି ମଦର କାରବାର ବୃଦ୍ଧି ପାଉଛି। ବଉଳା ପାହାଡ଼ର ଗଡ଼ଚଣ୍ଡୀ ନିକଟବର୍ତ୍ତୀରେ ରହିଛି ସେହି ଗାଁ। ଗାଁ ଦେଇ ଯାଇଥିବା ଏକ ନାଳ ପାର୍ଶ୍ୱରେ ମହୁଲି ମଦ ପ୍ରସ୍ତୁତି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ପଛପଟେ ନାଳଟି ଯାଇଛି। ସେହି ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ହାଣ୍ଡି ବସାଯାଇ ମହୁଲି ପ୍ରସ୍ତୁତ କରାଯାଉଛି। ପୋଲିସ କିମ୍ବା ଅବକାରୀ ବିଭାଗ ଦୃଷ୍ଟି ଦେଉନାହିଁ। କେତେକ ଲୋକ ଖୋଲମଖୋଲା ମହୁଲି ପ୍ରସ୍ତୁତ କରୁଛନ୍ତି। ମହୁଲିକୁ ଖାଲି ପେଟରେ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଫଳରେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଅବକାରୀ ବିଭାଗ ଓ ପୋଲିସ ନୀରବ ରହୁଛି।

■ ବରିଷ୍ଠ ନେତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ଭାଇ

**ପାଟଣା, ୧୯।୧୧(ସ୍ୱ.ପ୍ର.)**

ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ ଟାଇଁସିରା ଗ୍ରାମର ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ରଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ଦେବେନ୍ଦ୍ରଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିବା ତାଙ୍କ ସାନ ଭାଇ ସୁରେନ୍ଦ୍ର ପାତ୍ର ପାଟଣା ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅନ୍ୟପଟେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ସୋମବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି। ହତ୍ୟା ଅଭିଯୋଗରେ ପୋଲିସ କାହାରିକୁ ଗିରଫ କରିବାକୁ ସଫଳ ହୋଇନାହିଁ। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୫୩/୧୮) ରୁଜୁ ହୋଇଛି। ପାଟଣା ଥାନାଧିକାରୀ ପ୍ରମୋଦିନୀ ସାହୁଙ୍କୁ ପଚାରିବାରୁ ପ୍ରାଥମିକ ଦଦନ୍ତ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଜଣାପଡୁଛି ବୋଲି ସେ କହିଛନ୍ତି। ସାମାଜିକ କାର୍ମୀ ଅଜୟ ଦାଶ, ଅଜିତ ଦାଶ, ବୁଲୁଭଞ୍ଜ, ଅଜୁ ଭଞ୍ଜ, ବିଜେଡି ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ବିଜୁ ଯୁବବାହିନୀ ସଭାପତି ଅବିନାଶ ଦାଶ, ବିଜେଡି ଯୁବ ନେତା ବିଜୟ ରତ୍ନ ପତି, ପ୍ରଶାନ୍ତ ଭଞ୍ଜ ଓ ବିଭୁ କିଶୋର ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟରେ ଶିଶୁ ଅଧିକାର ଦିବସ

**ରାଇସୁଆଁ, ୧୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ମହାଦେଇଯୋଡା ପଞ୍ଚାୟତ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟରେ ସୋମବାର ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅଧିକାର ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ବିଜୁବାହିନୀର କର୍ମୀମାନେ ଯୋଗ ଦେଇଥିଲେ।

# ଏଠିସବୁ ଯୋଜନା ଅପହଞ୍ଚ

**ରାଇସୁଆଁ, ୧୯।୧୧(ଡି.ଏନ.ଏ.)**


ସାହିରେ ଥିବା ଏକ ପରିବାରର ଭଙ୍ଗା ଘର।

**ପାହାଡ଼ି ଇଲାକା**
- ରୁଗୁଡିସାହିବାସୀଙ୍କ ଅସରନ୍ତି ଦୁଃଖ
- ମୌଳିକ ସୁବିଧା ସାତସପନ
- ଭଙ୍ଗା ଘରେ ବିତୁଛି ଜୀବନ

ସରକାର ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ମୋ କୁଡ଼ିଆ ସହ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। କେତେକ ପ୍ରଶାସନିକ କର୍ମଚାରୀଙ୍କ ପାଇଁ ସରକାରଙ୍କ ସବୁ ଯୋଜନା ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। ଏପରି ଘଟଣା କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଦେଖିବାକୁ ମିଳିଛି। ଗରିବ ନିରାଶ୍ରୟ ସରକାରଙ୍କ ଜନକଲ୍ୟାଣ ଯୋଜନାରୁ ଲୋକେ ବଞ୍ଚିତ ହୋଇଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ ବରଦାପାଳ ପଞ୍ଚାୟତର ରୁଗୁଡି ସାହିରେ ୩ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ସେହି ସାହିର କୌଣସି ଜଣେ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକାଘର ଯୋଜନାରେ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଗରିବ ଲୋକେ ଭଙ୍ଗା ଘରେ ଜୀବନ ବିତାଉଛନ୍ତି। ସେମାନଙ୍କ ପାଇଁ ମୌଳିକ ସୁବିଧା ସାତସପନ ହୋଇଛି।

ଉକ୍ତ ଗ୍ରାମଟି ପାହାଡି ଅଞ୍ଚଳରେ ରହିଛି। ଏକମାତ୍ର ନଳକୂପରେ ଲୋକେ ନିର୍ଭର କରୁଛନ୍ତି। ନଳକୂପରୁ ଯେଉଁ ପାଣି ବାହାରୁଛି ତାହା ପାନୀୟ ଉପଯୋଗୀ ନୁହେଁ। ଭଙ୍ଗା ଦଦରା ଘରେ ପଲିଥିନ ଟାଣି ରହିବାକୁ ପଡୁଛି। ଗୋଟିଏ ଘରେ ୫ରୁ ୬ ଜଣ ରହୁଛନ୍ତି। ବର୍ଷା ଦିନେ ସେମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସୁଜାତା ନାଏକ ବହୁବାର ବିଡିଓଙ୍କୁ ଅବଗତ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରସାରିତ ହୋଇଥିଲା ହେଁ କୌଣସି ପଦକ୍ଷେପ ନିଆଯାଉନି। ସମସ୍ତଙ୍କୁ ଘର ଯୋଗାଇ ଦିଆଯିବ ବୋଲି ଖାଲି ପ୍ରତିଶ୍ରୁତି ମିଳୁଛି। ଅଦ୍ୟାବଧି ଗ୍ରାମର ଜଣଙ୍କୁ ମଧ୍ୟ ସରକାରୀ ଆବାସ ଯୋଜନାରେ ସାମିଲ କରାଯାଇନି। ପ୍ରଶାସନ ପ୍ରତିଶ୍ରୁତି ଭୁଲିଗଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଖବରଦାତାଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର

**ଯୋଡ଼ା, ୧୯।୧୧(ଡି.ଏନ.ଏ.):** ଯୋଡ଼ା ସହରରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଖବର ସଂଗ୍ରହ ବେଳେ ଜଣେ ଡାକ୍ତର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଖବରଦାତା ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। କାର୍ଯ୍ୟରତ ଖବରଦାତା ସମୀର କୁମାର ଦାସ ସୋମବାର ସନ୍ଧ୍ୟାରେ ଏକ ସ୍କୁଲର ଜଣେ ଛାତ୍ରଙ୍କ ଆହତ ଖବର ସଂଗ୍ରହ କରିବା ପାଇଁ ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ଯାଇଥିଲେ। ଛାତ୍ରୀଙ୍କ ସମ୍ପର୍କରେ ଡା. ଏ.କେ ରାୟଙ୍କୁ ପଚାରିବାରୁ ସେ ହଠାତ ଉତକ୍ଷିପ୍ତ ହୋଇ ତଥ୍ୟ ଦେବା ପାଇଁ ମନା କରିଥିଲେ। ଖବରଦାତା ସମିର ବିନମ୍ର ଭାବେ ଡାକ୍ତରଙ୍କୁ ଖବର ତଥ୍ୟ ଦେବା ପାଇଁ ଅନୁରୋଧ କରିଥିଲେ। ଡାକ୍ତର କୌଣସି କଥା ନ ଶୁଣି ବାହାରକୁ ବାହାରି ଯିବା ପାଇଁ ଧମକ ଦେଇଥିଲେ। ନଚେତ ସିକ୍ୟୁରିଟ୍ ଡକାଇ ବାହାର କରିଦିଆଯିବ ବୋଲି କହି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଭୟଭୀତ ହୋଇ ସେଠାରୁ ଚାଲିଆସି ଯୋଡା ଥାନାରେ ଏତଲା ଦେଇଥିବା ସମୀର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଟାଟାଷ୍ଟିଲ ଡାକ୍ତରଖାନାର ଡାକ୍ତର ରାୟଙ୍କୁ ପଚାରିବାରୁ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଖବରଦାତାଙ୍କ କଥାକୁ ଗୁରୁତ୍ୱ ଦେଇପାରି ନ ଥିଲି ବୋଲି ସେ କହିଛନ୍ତି।

### ଇନ୍ଦିରା ଗାନ୍ଧୀ ଜୟନ୍ତୀ

**କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.):** ସ୍ଥାନୀୟ କଂଗ୍ରେସ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୧ ତମ ଜନ୍ମ ଜୟନ୍ତୀ ଜିଲା ସଭାପତି ମୋହନ ପରିଡ଼ାଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ସେକ ମସ୍ତାନ ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଇନ୍ଦିରାଙ୍କ ଦେଶ ପାଇଁ ତ୍ୟାଗ, ବଳିଦାନ, ଦେଶ ସେବା ଓ ସାହସିକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ବିଦ୍ୟାଧର ଦେହୁରି, ପିସିସି ସମ୍ପାଦକ ସଂଗ୍ରାମ ଦାସ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ।

### ପୂର୍ବ ସୂଚନା ଅଭାବରୁ କାର୍ଯ୍ୟକ୍ରମ ବିଫଳ

**ଉଦଳା, ୧୯।୧୧ (ଡି.ଏନ.ଏ):** ଶୌଚାଳୟ ବ୍ୟବହାର ସ୍ୱଚ୍ଛତା ରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଥିନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଉଛି। ମାତ୍ର ଉଦଳାରେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦେଖିବାକୁ ମିଳିଥିଲା । ଉଦଳାରେ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦.୩୦ରେ ସ୍ଥାନୀୟ ହାଇସ୍କୁଲ ଛକ ନିକଟରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର ହୋଇଥିଲା। ହେଲେ ପ୍ରାୟ ଘଣ୍ଟାଏ ପରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଆସି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ କେବଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଛୋଟ ମାନବ ଶୃଙ୍ଖଳ ତିଆରି କରାଯାଇଥିଲା। ଏଥିନିମନ୍ତେ ପୋଲିସ୍ ନିକଟରେ କୌଣସି ପୂର୍ବ ସୂଚନା ନ ଥିବାବେଳେ ଯାନବାହନ ଚଳାଚଳ ହେତୁ ତାହା ଖୁବ୍ ଶୀଘ୍ର ଭାଙ୍ଗି ଯାଇଥିଲା। ଏନେଇ ଉଦଳା ବ୍ଲକ ଜିପିଓ ଦିବ୍ୟାଭାରତୀଙ୍କୁ ପଚାରିବାରୁ, ଠିକ୍ ସମୟରେ ସୂଚନା ଦିଆଯାଇ ନ ଥିବାରୁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରି ନ ଥିବା ସେ କହିଛନ୍ତି।

### ଭାରତୀୟ ଯୁବ କୃଷକ ସଂଘର ବୈଠକ

**ତିହିଡ଼ି, ୧୯।୧୧ (ଡି.ଏନ.ଏ.):** ତିହିଡ଼ି ବ୍ଲକ ଦୋଲସାହି ପଞ୍ଚାୟତ ରାଢ଼ଙ୍ଗ ଗ୍ରାମରେ ଭାରତୀୟ ଯୁବ କୃଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ମହାସଚିବ ପ୍ରଭାକର ନାୟକ ପୌରୋହିତ୍ୟ କରିଥିଲେ। ସରକାରୀ ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟରେ ଧାନକିଣା କେନ୍ଦ୍ରର ବିବରଣୀ ବା ଚିହ୍ନଟ ଦିଆଯିବା, ଚାଷୀଙ୍କ ଧାନ ସିଧାସଳଖ କିଣିବାର ବ୍ୟବସ୍ଥା କରାଯାଇ ଧାନ ବିକ୍ରି ହେବାର ୩ ଦିନ ମଧ୍ୟରେ ଚାଷୀ ଆକାଉଣ୍ଟକୁ ଟଙ୍କା ପ୍ରଦାନ, ୬୦ ବର୍ଷର ଚାଷୀଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା, ଚାଷୀଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ସ୍ୱତନ୍ତ୍ର ଅନୁଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚକ୍ରଧର ନାୟକ, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଶରତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ସଚେତନତା, ଶୋଭାଯାତ୍ରା

- ବିଶ୍ୱ ଶୌଚାଳୟ ଦିବସ
- ଗ୍ରାମ ପରିକ୍ରମାରେ ଛାତ୍ରୀଛାତ୍ର

**ଆନନ୍ଦପୁର, ୧୯।୧୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ନେଇ ଶୌଚାଳୟ ଦିବସରେ ଗ୍ରାମ୍ୟସ୍ତରୀୟ ସଚେତନତା ଅଭିଯାନ ହୋଇଯାଇଛି। ଶାଳଦେଇ ପଞ୍ଚାୟତର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ବିଜୁ ଯୁବ ବାହିନୀ ଉପସ୍ଥିତ ରହି ଶୋଭାଯାତ୍ରା ମାଧ୍ୟମରେ ସ୍ଲୋଗାନ୍ ଦେଇ ସଚେତନତା ସୃଷ୍ଟି କରିଥିଲେ। ସରପଞ୍ଚ ପଦ୍ମନାଭ ଦାସ, ସମିତି ସଭ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜକ ସ୍ମୃତିରଞ୍ଜନ ମିଶ୍ରଙ୍କ ସମେତ ଜିଲା ପ୍ରକଳ୍ପ ସଂଯୋଜକ ରମେଶ ଚନ୍ଦ୍ର ପ୍ରଧାନ, ଜିଲାସ୍ତରୀୟ ପରାମର୍ଶ ଦାତା ଦେବବ୍ରତ ମହାନ୍ତି, ସହକାରୀ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ଦାସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଘୁନାଥ ରାଉତ ଏବଂ ଗ୍ରାମର ମୁଖିଆ ଚିନ୍ତାମଣି ଦାସ, ନବଘନ ରାଉତ, ଭାଗ୍ୟକମଳ ବୋଇତେଇ, ସୁରେନ୍ଦ୍ର ସା ପ୍ରମୁଖ ଉପସ୍ଥିତ ରହିଥିଲେ। ଘରେ ଶୌଚାଳୟ ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ସଭାଗୃହଠାରେ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବିଡିଓ ନୁପୁର ଚାନ୍ଦଗୋଟିଆ, ଏନଏସି ନିର୍ବାହୀ ଅଧିକାରୀ ସପନ ସାହୁ, ସହକାରୀ ଜିଲାପାଳ ଚାରୁଲତା ସିଂ, ଏବିଡିଓ ଶରତ ଚନ୍ଦ୍ର ବାରିକ ଓ ବିଭାଗୀୟ ଯନ୍ତ୍ରୀ ସୋରେନ ଯୋଗ ଦେଇଥିଲେ। ଘରେ ପାଇଖାନା ନିର୍ମାଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




ଶୋଭାଯାତ୍ରାରେ ଯାଉଛନ୍ତି ମହିଳାମାନେ।

**ଝୁମ୍ପୁରା, ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କ ତତ୍ତ୍ୱାବଧାନରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ମୋହନ ସିଂଙ୍କ ସମେତ ବ୍ଲକ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି, ଗ୍ରାମବାସୀ ଉପସ୍ଥିତ ରହିଥିଲେ। ସଚେତନତା ବାର୍ତ୍ତା ନେଇ ଏକ ଶୋଭାଯାତ୍ରା ହୋଇଥିଲା। ବସନ୍ତପୁର ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରିଥିଲେ।

**କୋଲିମାଟି**

ଆନନ୍ଦପୁର ବ୍ଲକ ଜଳ ପରିମଳ ସମିତି ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ଧକୋଠା ଏବଂ କୋଲିମାଟି ପଞ୍ଚାୟତରେ ପାଳିତ ହୋଇଯାଇଛି। ଏ ନେଇ ସଚେତନତା ସଭା ଓ ରାଲି ହୋଇଥିଲା। କାର୍ଯ୍ୟକ୍ରମକୁ ନଳିନୀ ପ୍ରଭାତ ମିଶ୍ର ଉଦ୍‌ଘାଟନ କରିଥିଲେ। ସଞ୍ଜିତ ମହାରଣା, ସୀତା ନାଏକ, ଶୁଭଶ୍ରୀ ଏସ୍‌ଏଚଜି ଗ୍ରୁପ କନ୍ଟୋର ସଭାପତି ଯଶଶ୍ରୀ ମିଶ୍ର, ଅଙ୍ଗନୱାଡି କର୍ମୀ ପ୍ରିୟଦର୍ଶିନୀ ସାହୁ, ଆଶା କର୍ମୀ ପ୍ରମିଳା ମହାରଣା ସହଯୋଗ କରିଥିଲେ। ଏଥିରେ ବହୁ ମହିଳା ସାମିଲ ହୋଇଥିଲେ। ସରପଞ୍ଚ ମିନତୀ ମହାନ୍ତ ବିଶ୍ୱ ଶୌଚାଳୟ ଦିବସ ସମ୍ପର୍କରେ କହିଥିଲେ। ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ। ଏସଏଚଜିର ସଭାନେତ୍ରୀ ତୃପ୍ତିଲତା ସାହୁ, ମଞ୍ଜୁଲତା ସାହୁ, ଝାନ୍ସିରାଣି ପଲେଇ, ୱାର୍ଡମେମ୍ବର ସାହୁ, ସମାଜସେବୀ ବିନୋଦ ମହାନ୍ତ, ରବୀନ୍ଦ୍ର ସାହୁ, ଚକ୍ରଧର ମହାନ୍ତ, ଦୀନବନ୍ଧୁ ସାହୁ, ବିଜୁ ଯୁବ ବାହିନୀର ସଭାପତି ଚିଲୁ ପୃଷ୍ଟି ସହଯୋଗ କରିଥିଲେ।

**ଘସିପୁରା**

ଆନନ୍ଦପୁର ବାଉଁଶଗଡ଼ ପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ ଦୟାନିଧି ଘଡ଼େଇ, ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ଦେହୁରି, ସ୍ଥାନୀୟ ୱାର୍ଡ଼ ସଭ୍ୟସଭ୍ୟା, ଏସଏଚଜି ସଦସ୍ୟ, ଆଶକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ବିଜୁ ଯୁବବାହିନୀ ସାମିଲ ହୋଇଥିଲେ। ସରସ୍ୱତୀ ସେଠୀ, ମମତା ଘଡ଼େଇ ଓ ନୀଳାଦ୍ରି ନାୟକଙ୍କ ସଂଯୋଜନାରେ ଏକ ଶୋଭାଯାତ୍ରା ହୋଇଥିଲା।

## ପ୍ରକଳ୍ପ ବୁଲି ଦେଖିଲେ ଅତିଥି

**କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.)**

ସ୍ଥାନୀୟ ନଇଗାଁସ୍ଥିତ ସେଣ୍ଟ ଜାଭିୟର ବିଦ୍ୟାଳୟରେ ଅଧ୍ୟକ୍ଷ ଡକ୍ଟର ଦିବ୍ୟ କିଶୋର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ମ ବାର୍ଷିକ ପ୍ରଦର୍ଶନୀ ଜାଭେରିଆନ ହରାଇଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଇଂ. ଦେବବ୍ରତ ବେହେରା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ପ୍ରକଳ୍ପ ବୁଲି ଦେଖି ପିଲାଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ବିଭିନ୍ନ ପ୍ରତିଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ପ୍ରକଳ୍ପ ସବୁର ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ, ଡୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟରର ଅଧ୍ୟକ୍ଷ ତ୍ରୈଲକ୍ୟ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ର ଅପରାହ୍ନରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପିଲାଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସସ୍ମିତା ବେହେରା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ପିଲାଙ୍କ ଅଭିଭାବକ ଓ ବିଶିଷ୍ଟ ବ୍ୟକ୍ତିମାନେ ପରିଦର୍ଶନ କରି ପ୍ରଶଂସା କରିଥିଲେ। ମାଧୁରୀ କୁଣ୍ଟ, ଜରିନ ଆରୁଜୁ, ନିବେଦିତା ମିଶ୍ର ପ୍ରଦର୍ଶନୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ନଦୀମ ପରୱେଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ପାଟଣା, ୧୯।୧୧(ସ୍ୱ.ପ୍ର.)**

ବଡ଼ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମରେ ଜଣେ ଯୁବକ ରବିବାର ରାତିରେ କନିଅର ମଞ୍ଜିଖାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ଘଟଗାଁ ଥାନା ଖଟିଆଳି ଗ୍ରାମର ଚୈତନ୍ୟ ମୁଣ୍ଡାଙ୍କ ପୁଅ କଳାକର ମୁଣ୍ଡା। ପାରିବାରିକ କଳହରୁ କଳାକର କନିଅର ମଞ୍ଜି ଖାଇ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର



@ ଅମୀୟ



@ ଅଙ୍କିତ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଆଢ଼ିଆରେ ଜନସମ୍ପର୍କ ଅଭିଯାନ

**ବନ୍ତ, ୧୯।୧୧ (ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଢ଼ିଆ ପଞ୍ଚାୟତରେ ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ପ୍ରତି ଗାଁର ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସଙ୍ଗଠନ ସମ୍ପାଦକ ପଞ୍ଚାନନ ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଳାପାହାଡ଼ କାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରି ପଦଯାତ୍ରା ଆରମ୍ଭ କରିଥିଲେ। ଜିରିଣାସ୍ଥିତ କାଳୀକାଇ ପୀଠରେ ପଦଯାତ୍ରା ଶେଷ ହୋଇଥିଲା। ଦଳୀୟ କର୍ମୀମାନେ ବାଇକ୍ ରାଲିରେ ଯାଇ ବିଭିନ୍ନ ନାରାବାଜି କରି ଆଢ଼ିଆ, ଓଲଡାଙ୍ଗ, ପନ୍ଦାଡୋ, ପଦି, କୁଆଁର୍ଦ୍ଦା, ବଧିଗଡିଆ, ଜିରିଣା, ବରଗଡିଆ, ନିମଗଡିଆ ଆଦି ଗ୍ରାମରେ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ଲୋକଙ୍କୁ ସଚେତନ କରାଇଥିଲେ। ସୁଧାକର ଧଳ, ରବି ସାମଲ, ଫାଲ୍‌ଗୁନି ରାଉତ, ରାଜେନ୍ଦ୍ର ଦାସ, ରବୀନ୍ଦ୍ର ଜେନା, ପାର୍ଥସାରଥି ନାୟକ, ଅମୂଲ୍ୟ ନନ୍ଦ, ବାବୁ ଦାଶ ଅଧିକାରୀ, ଶ୍ୟାମସୁନ୍ଦର ଜେନା, ବିଷ୍ଣୁମୋହନ ବାରିକ, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




ଭାଜପା କର୍ମୀ ପଦଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

## ‘ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ଆଦର୍ଶ ଅନୁକରଣୀୟ’

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ ସହର ଉପକଣ୍ଠ ବାଉଦପୁର ନିତାଇ ଗୌରାଙ୍ଗ ମନ୍ଦିର ପରିସରରେ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳନ କମିଟି ସମ୍ପାଦିକା ପ୍ରିୟଙ୍କା ଦେବୀଙ୍କ ସଭାପତିତ୍ୱରେ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କମିଟିର ଚେୟାରମ୍ୟାନ ସୁଦର୍ଶନ ବେହେରା ମୁଖ୍ୟଅତିଥି, କାହ୍ନୁଚରଣ ବେହେରା ଅନ୍ୟତମ ଅତିଥି ଏବଂ ରମେଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରାନ୍ତିକାରୀଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଝାନ୍ସୀରାଣୀଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଆଜିର ନାରୀ ଦେଶମାତୃକାର ସେବା କରିବା ସହ ନିଜ ସୁରକ୍ଷା ନିଜେ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗୌରାଙ୍ଗ ଚରଣ ଜେନା, ଭାଗବତ ଜେନା, ଗଦାଧର ଜେନା, ଅପ୍ରେସ ଜେନା, ନୁଧ ଜେନା, ଦଶୁଆ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଲିଥିନ ବ୍ୟବହାର ରୋକିବାକୁ ଆହ୍ୱାନ



ଉପସ୍ଥିତ ଅତିଥି ବୃନ୍ଦ।

**ବାରିପଦା ଅଫିସ,୧୯।୧୧**

ବାରିପଦା ସ୍ଥିତ କଲ୍ୟାଣୀ ମହିଳା ସମିତି ସଭାଗୃହରେ ପଲିଥିନ ବ୍ୟବହାର ରୋକିବାରେ ନାରୀର ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ସମ୍ପାଦିକା କଳ୍ପନା ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ବାଙ୍ଗିରିପୋଷିର ଅଧ୍ୟକ୍ଷ ଡ.ପୁଷ୍ପ ପାତ୍ର ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦିକା ପ୍ରତିଭା ମିଶ୍ର ମଞ୍ଚ ଆବାହନ କରିବା ସହିତ ସଭାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ପଲିଥିନ ବ୍ୟବହାର ଯୋଗୁଁ ବିଶ୍ୱ ଉପରେ ପଡୁଥିବା କୁପ୍ରଭାବ ରୋକିବାକୁ ନାରୀମାନେ ଆଗେଇ ଆସିବା ଉଚିତ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ ସଭ୍ୟ ବାସନ୍ତୀଲତା ମହାପାତ୍ର, ବୀଣାପାଣି ପଣ୍ଡା,ଅନ୍ତେବାସିନି ନମିତାରାଣୀ ପଣ୍ଡା,ସଭ୍ୟା ଶାନ୍ତିଲତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକକୁ ଜୀବଜଗତର ଘାତକ ବୋଲି ମତ ରଖିଥିଲେ।

## ଶୌଚାଳୟ ଦିବସରେ ହାତଧୁଆ କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୧୯।୧୧**

ଭଦ୍ରକ ଜିଲା ସଦର ବ୍ଲକର ତିଶଳପୁର ପ୍ରକଳ୍ପ ଉ.ପ୍ରା.(ମଇ) ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଜିଲା ଜଳ ଯୋଗାଣ ବିଭାଗ ପକ୍ଷରୁ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏପିଡି ମନୋରମା ଭୂୟାଁ, ଜଳ ଯୋଗାଣ ବିଭାଗ ଏକ୍‌ଜିକ୍ୟୁଟିଭ ଇଂ. ଅନ୍ତର୍ଯ୍ୟାମୀ ନାୟକ, ପ୍ରଗତି ଯୁବକ ସଂଘ ସମ୍ପାଦକ ଦେବବ୍ରତ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ ହାତଧୁଆ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରଞ୍ଜନ ଦାସ, ସାମାଜିକ କର୍ମୀ ମଦନ ମୋହନ ପରିଡା, ସରପଞ୍ଚ ଉର୍ମିଳା ଜେନା, ସମିତିସଭ୍ୟ ଅଭୟ ଦାସ, ରାଜେନ୍ଦ୍ର ଦାସ, ସୁକାନ୍ତ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ଲେଙ୍କା, ଅଭିମନ୍ୟୁ ବାରିକ, ଶ୍ୟାମସୁନ୍ଦର ବାରିକ, ରବୀନ୍ଦ୍ର ବାରିକ, ଅଜୟ ପରିଡା, ଅସୁରା, ରାହାଞ୍ଜ, ତିଶଳପୁର ଆଦି ଗ୍ରାମର ଅଧିବାସୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଶିକ୍ଷକ ମୋ ସ୍କୁଲ ଅଭିଯାନ ପାଇଁ ୬୦ ହଜାର ଟଙ୍କା ସହଯୋଗ ରାଶି ପ୍ରଦାନ କରିଥିଲେ।




ଆୟୋଜିତ ସଚେତନତା ଶୋଭାଯାତ୍ରା।

# ‘ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ’

**ତିହିଡ଼ି, ୧୯।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେପୁର ନିର୍ବାଚନ ମଣ୍ଡଳୀ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ବଜାର ସ୍ଥିତ ବିଜେଡି କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ବିଜେଡିର ଲକ୍ଷ୍ୟ ହୋଇଥିବା ସେ କହିଥିଲେ । ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ପଞ୍ଚାୟତରେ ଥିବା ସମସ୍ୟାର ସମାଧାନ କରାଯାଇଛି । ଦଳ ପାଇଁ ସମସ୍ତେ କର୍ମୀ ଭାବେ ଲୋକଙ୍କ ନିକଟତର ହେବା ସହ ସେମାନଙ୍କ ସମସ୍ୟାର ସମାଧାନ ଲାଗି ଉଦ୍ୟମ କରିଛନ୍ତି। ଗମନାଗମନ, ପାନୀୟଜଳ କ୍ଷେତ୍ରରେ ବହୁ ଉନ୍ନତି ହୋଇଛି । ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତର ଅଭାବ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ। ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଡାକ୍ତର ଅଭାବ ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ସୂଚନା ଦେଇଥିଲେ। ବିଜେଡି ଅନ୍ୟ ଦଳକୁ ପ୍ରତିଦ୍ୱନ୍ଦୀ ଭାବେ ନ ନେଇ ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଛି। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିବା ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ରଘୁନାଥ ପଣ୍ଡା, ଏମପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ବିଜୟ ନାୟକ, ସମିତିସଭ୍ୟ ସଂଗ୍ରାମ ଦାସ, ବାହାବଳପୁର ସରପଞ୍ଚ ବିପିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

